EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ବର୍ଷ-୨ ସଂଖ୍ୟା-୪୦ ୧୫ - ୨୧ ଅକ୍ଟୋବର, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-40 15th - 21th OCTOBER, 2018 BHUBANESWAR ₹ 5/- (8 Pages)



ଶାରଦୀୟ ଅଭିନନ୍ଦନ



ଦଶହରା ଉପଲକ୍ଷେ ଟିଟିଲାଗଡ଼ ବ୍ଲକର ସୁର୍ଡା ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ସସ୍ମିତା ଭୋଇ
ସରପଞ୍ଚ
ମହଗାଁ, ଟିଟିଲାଗଡ଼

ଶାରଦୀୟ ଅଭିନନ୍ଦନ



ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ଟିଟିଲାଗଡ଼ ବ୍ଲକର ଦିଗଶିରାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଗୋଲକ ବିହାରୀ ସିଂ ଭୋଇ
ସରପଞ୍ଚ ପ୍ରାର୍ଥୀ
ଦିଗଶିରା ପଞ୍ଚାୟତ
ଟିଟିଲାଗଡ଼

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ରେଢ଼ାଖୋଲବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ଶିବରାମ ସାହୁ
ବିଜେପି ନଗର ସଭାପତି
ରେଢ଼ାଖୋଲ

ଶାରଦୀୟ ଦୁର୍ଗାପୂଜା ଅବସରରେ ରେଢ଼ାଖୋଲବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ଗୋବିନ୍ଦ ଅଗ୍ରୱାଲ
ବିଜେପି ରାଜ୍ୟ କାର୍ଯ୍ୟକାରିଣୀ
ରେଢ଼ାଖୋଲ

# ଆମେରିକାର ଜ୍ଞାନକୌଶଳ ଚୋରି କରିବା ଲକ୍ଷ୍ୟରେ ଚୀନ୍



**ୱାଶିଂଟନ୍ :** ଚୀନକୁ ପର୍ଯ୍ୟାପ୍ତ ପରିମାଣର ପରମାଣୁ ଯନ୍ତ୍ରାଂଶ ବିକିବା ଉପରେ ଯୁକ୍ତରାଷ୍ଟ୍ର ଆମେରିକା କଟକଣା ଲଗାଇଛି। ଚୀନର ଆଭିମୁଖ୍ୟ ଅସ୍ପଷ୍ଟ ଥିବାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି। ବେସାମରିକ କ୍ଷେତ୍ରରେ ପରମାଣୁ ଯନ୍ତ୍ରାଂଶ ବ୍ୟବହାର କରିବାର ଦ୍ୱାହି ଦେଇ ଚୀନ ଆନ୍ତର୍ଜାତିକ ବଜାରରୁ ବହୁଳ ପରିମାଣର ଯନ୍ତ୍ରାଂଶ କିଣୁଛି। ପରେ ତାହାକୁ ସାମରିକ ଓ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ବ୍ୟବହାର କରୁଥିବାର ଅଭିଯୋଗ ଶୁଣିବାକୁ ମିଳୁଛି। ଯୁକ୍ତରାଷ୍ଟ୍ର ଆମେରିକା-ଚୀନ ବେସାମରିକ ପରମାଣୁ ସହଯୋଗ ବର୍ହିଭୂତ କାମ ଉପରେ ଟ୍ରମ୍ପ ପ୍ରଶାସନର ଶକ୍ତି ସଚିବ ରିକ୍ ପେରୀ ଆପତ୍ତି କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା କମ୍ପାନୀରୁ ପରମାଣୁ ଯନ୍ତ୍ରାଂଶ କିଣିବା ଲକ୍ଷ୍ୟରେ ଚୀନର ପ୍ରସ୍ତାବକୁ ଟିକିନିଖି ତର୍ଜମା କରିବା ପରେ ଜାତୀୟ ନିରାପତ୍ତା ପରିଷଦ ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ନିରାପତ୍ତା, ଆର୍ଥିକ ଫାଇଦା ଓ ପରମାଣୁ କାର୍ଯ୍ୟକ୍ରମ ଉପରେ କୁପ୍ରଭାବ ପକାଉଥିବା ଦିଗଗୁଡ଼ିକ ଉପରେ ଅଧିକ ତର୍ଜମାର ଆବଶ୍ୟକତା ରହିଛି। ଟ୍ରମ୍ପ ପ୍ରଶାସନ ସନ୍ଦେହ କରୁଛି ଯେ ଚୀନ ବେସାମରିକ ଦିଗରୁ ପାଉଥିବା ପରମାଣୁ ଯନ୍ତ୍ରାଂଶର ଦୁରୂପଯୋଗ କରୁଛି। ତୃତୀୟ ପିଢ଼ୀର ପରମାଣୁ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ନିର୍ମାଣ କରୁଛି। ଏହି ବୁଡ଼ାଜାହାଜକୁ ଦକ୍ଷିଣ ଚୀନ ସାଗରରେ ମୁତୟନ କରିବା ଯୋଜନାରେ ଚୀନ ଅଛି। ଚୀନ ସହ ଆମେରିକାର ବ୍ୟବସାୟିକ ଯୁଦ୍ଧ କ୍ରମେ ଖରାପ ଆଡ଼କୁ ଗତି କରିଛି। ପ୍ରତିବର୍ଷ ଚୀନରେ ଉତ୍ପାଦିତ ସାମଗ୍ରୀର ଅଧାରୁ ଅଧିକ ଆମେରିକାରେ ବିକ୍ରି ହେଉଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ବହିଃଶୁଳ୍କ ବଢ଼ାଇଛନ୍ତି। ଅପରପକ୍ଷେ ବେଜିଂ ମଧ୍ୟ ଆମେରିକା ସାମଗ୍ରୀ ଉପରେ ବହିଃଶୁଳ୍କ ବୃଦ୍ଧି କରିଛି। ଟ୍ରମ୍ପ ପ୍ରଶାସନ ତରଫରୁ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଚୀନ ସହ ସଂଘଟିତ ପୂର୍ବ ରାଜିନାମା, ବର୍ତ୍ତମାନର ରାଜିନାମା ଓ ଆଗାମୀ ଦିନର ରାଜିନାମା ପ୍ରତି କାର୍ଯ୍ୟକାରୀ ହେବ। ଚୀନର ବୁଡ଼ାଜାହାଜ, ମଧ୍ୟମ ଧରଣର ରିଆକ୍ଟର, ବିମାନରେ ପ୍ରୟୋଗ କରାଯାଉଥିବା ଯନ୍ତ୍ରାଂଶ ପ୍ରତି ଆମେରିକାର ନୀତି କଠୋର ହୋଇଛି। ଟ୍ରମ୍ପ ପ୍ରଶାସନର ଜନୈକ ଅଧିକାରୀଙ୍କ ମତରେ ଚୀନ ଭାସମାନ ଶକ୍ତି ପ୍ରକଳ୍ପ, ପରମାଣୁ ଶକ୍ତିସମ୍ପନ୍ନ ବରଫଭଙ୍ଗା ଜାହାଜ ଭଳି ବଡ଼ ଧରଣର ପ୍ରତିରକ୍ଷା ପ୍ରକଳ୍ପରେ ଯୁକ୍ତରାଷ୍ଟ୍ର ଆମେରିକା ଯନ୍ତ୍ରପାତି ଓ ଜ୍ଞାନକୌଶଳ ପ୍ରୟୋଗ କରିବା ଲକ୍ଷ୍ୟରେ ଅଛି। ଟ୍ରମ୍ପ ପ୍ରଶାସନ ଚୀନକୁ ପରମାଣୁ ଯନ୍ତ୍ରପାତି ବିକି ନିଜ ପ୍ରତି ବିପଦ ସୃଷ୍ଟି କରିବାକୁ ଚାହିଁବେନି। ତେଣୁ ଚୀନ ଯୁକ୍ତରାଷ୍ଟ୍ର ଆମେରିକାର ପରମାଣୁ ଜ୍ଞାନକୌଶଳ ଓ ଯନ୍ତ୍ରପାତି ଚୋରି କରିବା ଷଡ଼ଯନ୍ତ୍ର କରୁଛି। ୨୦୧୭ରେ ଯୁକ୍ତରାଷ୍ଟ୍ର ଆମେରିକା ଚୀନକୁ ୧୭୦ ବିଲିଅନ୍ ଡଲାର ପରିମାଣର ପରମାଣୁ ଯନ୍ତ୍ରାଂଶ ବିକିଥିଲା।

## ପଦ୍ମ ପୁରସ୍କାର-୨୦୧୯ ପାଇଁ ୪୯,୯୯୨ ସୁପାରିସ

**ନୂଆଦିଲ୍ଲୀ :** ପଦ୍ମ ପୁରସ୍କାର-୨୦୧୯ ପାଇଁ ରେକର୍ଡ ସଂଖ୍ୟକ ୪୯,୯୯୨ଟି ସୁପାରିସ ହସ୍ତଗତ ହୋଇଛି। ଯାହାକି ୨୦୧୦ ମସିହା ତୁଳନାରେ ୩୨ ଗୁଣ ଅଧିକ। ୨୦୧୦ରେ ୧୩୧୩ଟି ସୁପାରିସ ମିଳିଥିବା ବେଳେ ୨୦୧୬ରେ ୧୮,୭୬୮ଟି ଏବଂ ୨୦୧୭ରେ ୩୫,୫୯୫ଟି ସୁପାରିସ ଗ୍ରହଣ କରାଯାଇଥିଲା।ପ୍ରକୃତ ଅର୍ଥରେ ପଦ୍ମ ପୁରସ୍କାରକୁ ସରକାର 'ଲୋକଙ୍କ ପୁରସ୍କାର'ରେ ପରିଣତ କରିଛନ୍ତି। ଏହି ସର୍ବୋଚ୍ଚ ବେସାମରିକ ପୁରସ୍କାର (ପଦ୍ମ ବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ) ପାଇଁ ଲୋକ ଲୋଚନକୁ ଆସି ନଥିବା ବ୍ୟକ୍ତିଙ୍କ ନାମ ପ୍ରସ୍ତାବ କରିବାକୁ ପ୍ରୋତ୍ସାହନ କରାଯାଇଛି। ପଦ୍ମ ପୁରସ୍କାର ସକାଶେ ନାମ ପ୍ରସ୍ତାବ କରିବା ପାଇଁ ୨୦୧୬ରେ ଅନଲାଇନ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଏହି ସରଳ ବ୍ୟବସ୍ଥାରେ ଭାଗ ନେବାକୁ ସାଧାରଣ ଲୋକଙ୍କୁ ବହୁ ସଂଖ୍ୟାରେ ପ୍ରୋତ୍ସାହିତ କରାଯାଇପାରିଛି। ୨୦୧୯ ଗଣତନ୍ତ୍ର ଦିବସରେ ଘୋଷଣା ହେବାକୁ ଥିବା ପଦ୍ମ ପୁରସ୍କାର ପାଇଁ ଅନଲାଇନରେ ସୁପାରିସ ଗ୍ରହଣ ପ୍ରକ୍ରିୟା ୨୦୧୮ ମେ ୧ ତାରିଖରେ ଆରମ୍ଭ ହୋଇଥିଲା। ସୁପାରିସ ଗ୍ରହଣ କରିବାର ଶେଷ ତାରିଖ ଥିଲା ୨୦୧୮ ସେପ୍ଟେମ୍ବର ୧୫ ତାରିଖ। ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ/ବିଭାଗ, ରାଜ୍ୟ/କେନ୍ଦ୍ରଶାସିତ ଅଂଚଳର ସରକାର, ଭାରତରତ୍ନ ଏବଂ ପଦ୍ମବିଭୂଷଣ ପୁରସ୍କାରରେ ସମ୍ମାନିତ ବ୍ୟକ୍ତି ଏବଂ ବିଭିନ୍ନ ରାଜ୍ୟର ଉତ୍କର୍ଷ କେନ୍ଦ୍ର ତଥା ଅନ୍ୟାନ୍ୟ କ୍ଷେତ୍ର ମାଧ୍ୟମରେ ମଧ୍ୟ ପଦ୍ମ ପୁରସ୍କାର ପାଇଁ ସୁପାରିସ ଆହ୍ୱାନ କରାଯାଇଥାଏ।

### ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବିସ୍ତାର

## ବେଶୀ ଦାୟୀ କୋକ୍, ପେପ୍‌ସି ଓ ନେସ୍‌ଲେ !



**ନୂଆଦିଲ୍ଲୀ :** ବିଶ୍ୱରେ ସର୍ବାଧିକ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ବିସ୍ତାର ଲାଗି କୋକା କୋଲା, ପେପ୍ସିକୋ ଏବଂ ନେସ୍‌ଲେ ଅଧିକ ଦାୟୀ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ପର୍ଯ୍ୟାବରଣ ସଂଗଠନ ଗ୍ରୀନ୍‌ପିସ୍‌ର ରିପୋର୍ଟରେ ଏହି ଖୁଲାସା କରାଯାଇଛି। ରିପୋର୍ଟ ମୁତାବକ, ବିଶ୍ୱର ୪୨ଟି ଦେଶରେ ପ୍ଲାଷ୍ଟିକ୍ ଶେଷ କରିବା ଲାଗି ସଂଗଠନ ତରଫରୁ ମୋଟ ୨୩୯ଟି ସଫେଇ ଅଭିଯାନ କରାଯାଇ ସାରା ଦେଶର ୧,୮୭,୦୦୦ ଖଣ୍ଡ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ଏକତ୍ର କରାଯାଇଛି। ପ୍ରଦୂଷଣ ବିସ୍ତାର କରିବା ଦିଗରେ ବଡ଼ବଡ଼ କମ୍ପାନୀର କେତେ ମାତ୍ରାର ଯୋଗଦାନ ରହିଛି, ସେଗୁଡ଼ିକୁ ପରଖିବା ଏହି ସର୍ବେକ୍ଷଣର ଉଦ୍ଦେଶ୍ୟ ଥିଲା। ବିଶ୍ୱର ସର୍ବବୃହତ୍ ଶୀତଳ ପେୟ କମ୍ପାନୀ କୋକାକୋଲା ସବୁଠାରୁ ଅଧିକ ବର୍ଜ୍ୟ ଉତ୍ପାଦନକାରୀ କମ୍ପାନୀ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଡେନନ୍, ମୋଣ୍ଡେଲେଜ୍, ପ୍ରୋକ୍ଟର୍ ଆଣ୍ଡ୍ ଗାମ୍ବଲ୍ ଏବଂ ୟୁନିଲିଭର କମ୍ପାନୀ ନାଁ ମଧ୍ୟ ଏଥିରେ ସାମିଲ ଅଛି। ବ୍ରେକ୍‌ଫ୍ରି ଫ୍ରମ୍ ପ୍ଲାଷ୍ଟିକ୍ ଅଭିଯାନର ବୈଷୟିକ ସଂଯୋଜକ ୱୋନ୍ ହର୍ଣ୍ଣାଣ୍ଡେଜ୍ କହିଛନ୍ତି ଯେ ୪୨ଟି ଦେଶରୁ ମୋଟ ୪୦ଟି ଦେଶରେ କୋକ୍ ବ୍ରାଣ୍ଡର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଦେଖିବାକୁ ମିଳିଛି। ଏହି ବ୍ରାଣ୍ଡ୍‌ଗୁଡ଼ିକ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପରେ କର୍ପୋରେଟ୍ କ୍ଷେତ୍ର ପ୍ଲାଷ୍ଟିକ୍ ସମ୍ପର୍କିତ ପ୍ରଦୂଷଣକୁ ବିସ୍ତାର କରିବାରେ ସର୍ବାଧିକ ଦାୟି ବୋଲି ଜଣାପଡ଼ିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପଲିଷ୍ଟାଇରିନ୍ କିସମର ପ୍ଲାଷ୍ଟିକ୍ ସବୁଠାରୁ ଅଧିକ ମିଳିଛି। ପ୍ୟାକେଜିଂ ଏବଂ କଫି କପ୍ ପ୍ରସ୍ତୁତ କରିବାରେ ଏହାର ବ୍ୟବହୃତ ହୋଇଥାଏ। ଦ୍ୱିତୀୟ ସ୍ଥାନରେ ପିଇଟି ବୋତଲ ଏବଂ କଣ୍ଟେନର୍ ରହିଛି ବୋଲି ଜଣାପଡ଼ିଛି।

## ନକ୍ସଲ ହିଂସା ଲୋପ ପାଇଁ ଆଉ ୩ ବର୍ଷ : ରାଜନାଥ



**ନୂଆଦିଲ୍ଲୀ :** ଆସନ୍ତା ୩ ବର୍ଷ ମଧ୍ୟରେ ଭାରତରେ ନକ୍ସଲ ହିଂସା ଲୋପ ପାଇଯିବ ବୋଲି ଦେଶବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ। ଏଥିପାଇଁ ସେ ସିଆରପିଏଫ୍‌ଙ୍କ ଦୃଢ଼ସଂକଳ୍ପ ଓ ରାଜ୍ୟ ପୁଲିସଙ୍କ ସାହସ ଓ କଠିନ ପରିଶ୍ରମକୁ ଗୁରୁତ୍ୱ ଦେଇଛନ୍ତି। ରାପିଡ୍ ଆକ୍ସନ୍ ଫୋର୍ସର ୨୬ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ରାଜନାଥ ଏହି ସୂଚନା ଦେଇଛନ୍ତି। ସିଆରପିଏଫ୍‌ର ସ୍ୱତନ୍ତ୍ର ବାହିନୀ ହେଉଛି ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍)। ଏନ୍‌ଡିଏ ସରକାରରେ ନକ୍ସଲ ଉପଦ୍ରୁତ ଅଞ୍ଚଳ କମିବାକୁ ଲାଗିଛି। ଏକଦା ଦେଶର ୧୨୬ଟି ଜିଲ୍ଲାରେ ନକ୍ସଲ ସଂଗଠନ ସକ୍ରିୟ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ଶାସନରେ ନକ୍ସଲ ଜିଲ୍ଲା ସଂଖ୍ୟା ୧୦/୧୨କୁ ଖସିଆସିଛି। ନକ୍ସଲ ଦମନ କ୍ଷେତ୍ରରେ ରାପିଡ୍ ଆକ୍ସନ୍ ଫୋର୍ସର ଅଦମ୍ୟ ସାହସିକତାକୁ କେନ୍ଦ୍ରମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଚଳିତ ବର୍ଷ ୧୩୧ ମାଓବାଦୀ ପ୍ରାଣ ହରାଇଥିବା ବେଳେ ୧୨୭୮ ଗିରଫ ହୋଇଛନ୍ତି। ଏହାଛଡ଼ା ୫୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଜମ୍ମୁ-କଶ୍ମୀରରେ ମୁତୟନ ସିଆରପିଏଫ୍ ବାହିନୀ ପକ୍ଷରେ ଆତଙ୍କବାଦୀଙ୍କୁ ସାମ୍ନା କରିବା କଷ୍ଟକର ବ୍ୟାପାର ବୋଲି ସେ ଆଶାପ୍ରକଟ କରି କହିଛନ୍ତି, 'କଶ୍ମୀର ଆମର ଥିଲା, ଆମର ଅଛି, ଆମର ରହିବ। ବିଶ୍ୱର କୌଣସି ଶକ୍ତି ଆମଠାରୁ କଶ୍ମୀର ଛଡ଼ାଇ ନେଇପାରିବନି। ଆମର କିଛି ଯୁବକଙ୍କୁ ଆତଙ୍କବାଦୀ ସଂଗଠନ ବିଭ୍ରାନ୍ତ କରି ସେମାନଙ୍କ ହାତରେ ବନ୍ଧୁକ ଧରାଇ ଦେଉଛନ୍ତି। ତେବେ ଆମ ସିଆରପିଏଫ୍, ଆରଏଏଫ୍, ଆର୍ମି, ବିଏସ୍‌ଏଫ୍ ଓ ଜମ୍ମୁ-କଶ୍ମୀର ପୁଲିସ ଦେଶର ନିରାପତ୍ତା ପ୍ରତି ବେଶ୍ ସଚେତନ ଅଛନ୍ତି। ଦେଶର ଆଭ୍ୟନ୍ତରୀଣ ହିଂସାକାଣ୍ଡ ରୋକିବା ଦିଗରେ ସଂଭ୍ରମତା ରକ୍ଷା କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଅର୍ଦ୍ଧସାମରିକ ବାହିନୀକୁ ପରାମର୍ଶ ଦେଇଛନ୍ତି। ଦେଶବାସୀଙ୍କ ପ୍ରତି ନିର୍ଦ୍ଦୟ ବ୍ୟବହାର ପ୍ରଦର୍ଶନ ନ କରିବାକୁ ସେ ପୁଲିସ ବାହିନୀକୁ ଉପଦେଶ ପ୍ରଦାନ କରିଛନ୍ତି। ତାଙ୍କ ମତରେ ଭିଡ଼କୁ ନିୟନ୍ତ୍ରଣ କରିବାର କଳା ହାସଲ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସିଂହଙ୍କ ମନ୍ତବ୍ୟ ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ଘଟିଥିବା ଘଟଣା ପ୍ରତି ଇଙ୍ଗିତ କରିଛି। ଉକ୍ତ ଘଟଣାରେ ଜଣେ ପୁଲିସ ଜଣେ ଅନ୍ତର୍ଜାତୀୟ କମ୍ପାନୀ ଅଧିକାରୀଙ୍କୁ ଗୁଳିରେ ପ୍ରାଣ ହରାଇଥିଲେ। ଆର୍‌ଏଏଫ୍ ବାଟାଲିୟନରେ ୧୦୦୦ ଯବାନ ଅଛନ୍ତି। ପ୍ରତ୍ୟେକ ଯବାନ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ। ସେମାନଙ୍କ ହାତରେ ଲୁହବୁହା ଗ୍ୟାସ ଗ୍ରେନେଡ୍ ଲଞ୍ଚର, ପମ୍ପ ଆକ୍ସନ୍ ଗନ୍ ରହିଛି। କେବଳ ସେତିକି ନୁହେଁ, ହିଂସାକାଣ୍ଡ ବ୍ୟାପିବା ଆଶଙ୍କା ସମୟରେ ଉଚ୍ଚ ଅଧିକାରୀଙ୍କ ଅନୁମତି ବିନା ଫାଙ୍କା ଗୁଳି ଚଳାଇବାର ଅଧିକାର ପ୍ରାପ୍ତ କରିଛନ୍ତି। ଏବେ ସିଆରପିଏଫ୍‌ରେ ୩ ଲକ୍ଷ ଯବାନ୍ କାର୍ଯ୍ୟରତ। ୧୯୯୨ ଅକ୍ଟୋବର ପରଠାରୁ ସିଆରପିଏଫ୍ ଅଧିକ ଦକ୍ଷ ହୋଇଛି। ଦେଶର ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାକୁ ଦେଶର ପ୍ରାୟ ୧୦,୦୦୦ ସ୍ଥାନରେ ସିଆରପିଏଫ୍ ବାଟାଲିୟନ୍ ମହଜୁଦ ଅଛନ୍ତି। ହାଇଦ୍ରାବାଦ, ଅହମଦାବାଦ, ଆଲ୍ଲାହାବାଦ, ମୁମ୍ବାଇ, ଦିଲ୍ଲୀ, ଆଲିଗଡ଼, କୋଇମ୍ବାଟୁର, ଜାମସେଦପୁର, ଭୋପାଳ ଓ ମିରଟରେ ଆରଏଏଫ୍ ବାଟାଲିୟନ୍ ଅଛନ୍ତି। ଏହା ବ୍ୟତୀତ ଜୟପୁର, ବାରଣାସୀ, ମାଙ୍ଗାଲୋର, ହାଜିପୁର(ବିହାର) ଓ ହରିଆଣାର ନୁହରେ ଆରଏଏଫ୍‌ର ନୂଆ କ୍ଷେତ୍ର ନିର୍ମାଣ ଚାଲିଛି।

## 'ଭାରତର ଋଣ ସ୍ଥିତି ସନ୍ତୋଷଜନକ'

**ୱାଶିଂଟନ୍ :** ୨୦୧୭ ବର୍ଷରେ ବିଶ୍ୱର ସମୁଦାୟ ଋଣ ରାଶି ସର୍ବାଧିକ ଭାବେ ୧୮୨ ଟ୍ରିଲିୟନ ଡଲାରରେ ପହଞ୍ଚିଥିବା ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ) ଆର୍ଥିକ ବ୍ୟାପାର ବିଭାଗ ନିର୍ଦ୍ଦେଶକ ଭିଟୋର ଗାସପର୍ ସତର୍କ କରାଇଦେଇଥିବା ବେଳେ ଭାରତର ଋଣ ସ୍ଥିତି ଅନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ସନ୍ତୋଷଜନକ ରହିଥିବା କହିଛନ୍ତି। ବିଶ୍ୱ ସମୁଦାୟ ଜିଡିପିର ଅଂଶ ଭାବେ ବିଶ୍ୱ ମୋଟ ଋଣ ରାଶି ତୁଳନାରେ ଭାରତର ଋଣ ଯଥେଷ୍ଟ କମ୍ ରହିଥିବା ସେ କହିଛନ୍ତି। ୨୦୧୭ ବର୍ଷରେ ଭାରତର ଘରୋଇ ସ୍ତରର ଋଣ ପରିମାଣ ଜିଡିପିର ୫୪.୫ ପ୍ରତିଶତ ଏବଂ ସରକାରୀ ଋଣ ପରିମାଣ ଜଡିପିର ୭୦.୪ ପ୍ରତିଶତ ରହିଥିଲା। ଫଳରେ ଏହି ବର୍ଷରେ ଭାରତର ମୋଟ ଋଣ ପରିମାଣ ଜିଡିପିର ୧୨୫ ପ୍ରତିଶତ ଛୁଇଁଥିଲା ବୋଲି ଆଇଏମ୍‌ଏଫ ପକ୍ଷରୁ ପ୍ରକାଶ କରାଯାଇଥିବା ଏହାର ସର୍ବଶେଷ ରିପୋର୍ଟରେ କୁହାଯାଇଛି। ହେଲେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଅର୍ଥନୈତିକ ରାଷ୍ଟ୍ର ଭାବେ ଚୀନ୍‌ର ଋଣ ପରିମାଣ ଏହି ବର୍ଷରେ ଚୀନ୍ ଜିଡିପିର ୨୪୭ ପ୍ରତିଶତ ରହିଥିବା କୁହାଯାଇଛି। ତେଣୁ ବିଶ୍ୱ ଜିଡିପି ଆଧାରରେ ବିଶ୍ୱ ସମୁଦାୟ ଋଣ ରାଶି ତୁଳନାରେ ଭାରତର ଋଣ ପରିମାଣ କମ୍ ରହିଛି ବୋଲି ଶ୍ରୀ ଗାସପର୍ କହିଛନ୍ତି। ସେହିଭଳି ବିଭିନ୍ନ କ୍ଷେତ୍ରର ତର୍ଜମା ପରେ ବିଶ୍ୱର କ୍ରମବର୍ଦ୍ଧିଷ୍ଣୁ ଏବଂ ପ୍ରଗତିଶୀଳ ଅର୍ଥନୈତିକ ରାଷ୍ଟ୍ରମାନଙ୍କ ହାରାହାରି ଋଣ ଭାର ଠାରୁ ଭାରତର ଋଣ ପରିମାଣ କମ୍ ରହିଛି ବୋଲି ଆଇଏମ୍‌ଏଫ ପକ୍ଷରୁ କୁହାଯାଇଛି। କୌଣସି ରାଷ୍ଟ୍ରର ମୋଟ ଘରୋଇ ଉତ୍ପାଦନ(ଜିଡିପି) ଅନୁପାତ ଏବଂ ମୁଣ୍ଡ ପିଛା ଆୟ ପରିମାଣ ସହ ସଂପୃକ୍ତ ରାଷ୍ଟ୍ରର ମୋଟ ଋଣ ରାଶିର ସମରାତ୍ମକ ପ୍ରଭାବ ରହିଛି। ଏହି ପରିପ୍ରେକ୍ଷୀରେ ବିଶ୍ୱର ଯେକୌଣସି ପ୍ରଗତିଶୀଳ ଅର୍ଥନୈତିକ ରାଷ୍ଟ୍ର ତୁଳନାରେ ଭାରତର ସ୍ଥିତି ଉତ୍ତମ ରହିଥିବା ଆଇଏମ୍‌ଏଫ ପକ୍ଷରୁ କୁହାଯାଇଛି। ୨୦୧୭ ବର୍ଷରେ ବିଶ୍ୱ ସମୁଦାୟର ଋଣ ଭାର ପରିମାଣ ସର୍ବାଧିକ ଭାବେ ୧୮୨ ଟ୍ରିଲିୟନ ଡଲାରରେ ପହଞ୍ଚିବା ବିଶ୍ୱ ଅର୍ଥନୀତି ବ୍ୟବସ୍ଥାରେ ଏକ ନୂଆ ରେକର୍ଡ। ସାଂପ୍ରତିକ ସ୍ଥିତିରେ ବିଶ୍ୱ ବଜାରରେ ଲାଗି ରହିଥିବା ଟାରିଫ୍ ଯୁଦ୍ଧକୁ ନେଇ ଘରୋଇ ସ୍ତରରେ ବାଣିଜ୍ୟ କାରବାର ପ୍ରଭାବିତ ହୋଇଥିବା ବେଳେ ବିଶ୍ୱ ସ୍ତରରେ ଆର୍ଥିକ ବ୍ୟବସ୍ଥାରେ ମଧ୍ୟ ସଙ୍କଟ ଦେଖାଯାଇଛି। ତେଣୁ ଅଗ୍ରଣୀ ଅର୍ଥନୈତିକ ବିକାଶଶୀଳ ରାଷ୍ଟ୍ରମାନଙ୍କ ଋଣ ଭାର ସ୍ଥିତିରେ ଅନେକ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ରହିଛି ବୋଲି ଆଇଏମ୍‌ଏଫ ପକ୍ଷରୁ କୁହାଯାଇଛି। ତେବେ ଭାରତ ଏବଂ ଚୀନ୍ ଭଳି ଦୁଇ ପ୍ରଗତିଶୀଳ ଏବଂ ପ୍ରତିଦ୍ୱନ୍ଦିତାମୁଖୀ ଅର୍ଥନୈତିକ ରାଷ୍ଟ୍ର ସମ୍ପର୍କରେ ଚଳନାତ୍ମକ ଚିତ୍ର ରଖି ଆଇଏମ୍‌ଏଫ ପକ୍ଷରୁ କୁହାଯାଇଛି ଯେ, ବିଗତ ୧୦ ବର୍ଷ ମଧ୍ୟରେ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କରେ ଘରୋଇ ଋଣ ରାଶି ପରିମାଣ ବଢି ଚାଲିଥିବା ବେଳେ ଲାଭ କ୍ଷେତ୍ରରେ କମ୍ ସଫଳତା ହାସଲ କରାଯାଇଛି। ହେଲେ ଭାରତରେ ବିଗତ କିଛି ବର୍ଷ ମଧ୍ୟରେ ଘରୋଇ ଋଣ ପରିମାଣ ୬୦ ପ୍ରତିଶତରୁ ୫୪.୫ ପ୍ରତିଶତକୁ ଖସି ଆସିଥିବାର ଏହାର ସ୍ଥିତି ସନ୍ତୁଳିତ ରହିଛି। ବିଶେଷ କରି ଗତ ଦୁଇ ବର୍ଷ ମଧ୍ୟରେ ଭାରତରେ ଘରୋଇ ଋଣ କ୍ଷେତ୍ରରେ ଅନେକ ସୁଧାର ଅଣାଯାଇପାରିଥିବାରୁ ଏହାର ସ୍ଥିତି ସନ୍ତୁଳିତ ରହିବା ସହ ଲାଭ କ୍ଷେତ୍ରକୁ ମଧ୍ୟ ସୁଦୃଢ କରାଯାଇପାରିଛି ବୋଲି ଆଇଏମ୍‌ଏଫ ପକ୍ଷରୁ କୁହାଯାଇଛି।



READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ଭୁବନେଶ୍ୱର, ୧୫ - ୨୧ ଅକ୍ଟୋବର, ୨୦୧୮

# ତିତ୍‌ଲି ପାଇଁ ପୂଜା ଛୁଟି ବାତିଲ



**ଭୁବନେଶ୍ୱର :** ତିତ୍‌ଲି ଦୁର୍ବଳ ହୋଇ ଚାଲିଯାଇଛି ପଶ୍ଚିମବଙ୍ଗ। ବାତ୍ୟା ପ୍ରଭାବରେ ତିନୋଟି ଜିଲ୍ଲାର ବ୍ୟାପକ କ୍ଷୟକ୍ଷତି ହୋଇଥିଲା ବେଳେ ରାଜ୍ୟର ଅର୍ଦ୍ଧାଧିକ ଜିଲ୍ଲାରେ ମୁଷଳଧାରାରେ ବର୍ଷା ହୋଇଛି। ଯେଉଁଥିପାଇଁ ଭୟାନକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ତିତ୍‌ଲି ଦୁର୍ବଳ ହେବା ପରେ ଅବପାତର ରୂପ ନେଇ ଓଡ଼ିଶା ଦେଇ ଅତିକ୍ରମ କରି ଚାଲିଗଲା। ହେଲେ

## ଖୋଲା ରହିବ ସଚିବାଳୟ, ମୁଖ୍ୟ ଦପ୍ତର

ଓଡ଼ିଶା ପାଇଁ ଆଣିଦେଲା ବିପତ୍ତି। ତିତ୍‌ଲି ପ୍ରଭାବରେ ୫୨ ବ୍ଲକର ୩୯ଲକ୍ଷ ଲୋକ ପ୍ରଭାବିତ ହେବା ସହ ୧୫୧୪ଘର ଭାଙ୍ଗି ଯାଇଥିବାର ସୂଚନା ମିଳିଛି। ଗଞ୍ଜାମ ଓ ଗଜପତି ଜିଲ୍ଲାରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବାତ୍ୟା ଓ ବନ୍ୟାର କ୍ଷୟକ୍ଷତି ସମ୍ପର୍କରେ ଆସନ୍ତା ୭ ଦିନ ଭିତରେ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ବାତ୍ୟା ପରବର୍ତ୍ତୀ ସମୟର ସ୍ଥିତି ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ନଦୀଗୁଡ଼ିକରେ ବନ୍ୟାଜଳ ହେତୁ ସୃଷ୍ଟି ହୋଇଥିବା ଘାଇ ମରାମତି, କ୍ଷତିଗ୍ରସ୍ତ ଲୋକଙ୍କୁ ରିଲିଫ୍ ଓ ଥଇଥାନ ସହ ବିଭିନ୍ନ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ଏବଂ ପଶୁ ଚିକିତ୍ସା ➤ ପୃ-୬

## ଇଥାନଲ ପ୍ରକଳ୍ପର ଶିଳାନ୍ୟାସ କଲେ ରାଜ୍ୟପାଳ

# ଦ୍ୱିଗୁଣିତ ହେବ ଚାଷୀଙ୍କ ଆୟ : ଧର୍ମେନ୍ଦ୍ର



**ବରଗଡ଼ :** ବରଗଡ଼ ଜିଲ୍ଲାର ଭଟଲି ତହସିଲ୍ ଅନ୍ତର୍ଗତ ବାଉଲସିଂହା ଗ୍ରାମରେ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ଏକ ହଜାର କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବାକୁ ଥିବା ୨-ଜି ଇଥାନଲ ଜୈବ-ପରିଶୋଧନଗାରର ଶିଳାନ୍ୟାସ କରିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ଏଥିସହ ସେ କହିଛନ୍ତି ଏହି ପ୍ରକଳ୍ପ ଆଦିବାସୀ ଓ ଚାଷୀଙ୍କ କଲ୍ୟାଣ ପାଇଁ ସମର୍ପିତ। ଏଥିରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଇଥାନଲ ପ୍ରକଳ୍ପ ପ୍ରତିଷ୍ଠା ହେଲେ ବରଗଡ଼ ଅଞ୍ଚଳର ଚାଷୀଙ୍କ ଆୟ ବୃଦ୍ଧି ପାଇବ। ଶିଳାନ୍ୟାସ ପରେ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଏକ ସାଧାରଣ ସଭାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ପରିକଳ୍ପନା ଚାଷୀଙ୍କର ଆୟ ଦୁଇଗୁଣ କରିବା। ଏହି କ୍ରମରେ ଚାଷ ଜମିରୁ ବାହାରୁ ଥିବା ବିଭିନ୍ନ ବର୍ଜ୍ୟବସ୍ତୁରୁ ଇଥାନଲ ପ୍ରସ୍ତୁତ ହେବ। ଏଭଳି ପ୍ରକଳ୍ପର ପରିକଳ୍ପନା ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବାବେଳେ କରିଥିଲେ। କୃଷି, ଜଙ୍ଗଲ, ସହର ବର୍ଜ୍ୟବସ୍ତୁକୁ ବ୍ୟବହାର କରି ବାୟୋଗ୍ୟାସ ପ୍ରସ୍ତୁତ କରିବା ପାଇଁ ଯୋଜନା ହୋଇଥିଲା। ତେବେ ପରବର୍ତ୍ତୀକାଳରେ ଯେଉଁ ସରକାର ଆସିଲେ ତାହାକୁ ଦୃଷ୍ଟି ଦେଲେ ନାହିଁ। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଏହା ଉପରେ ଏବେ ଅଧିକ ଗୁରୁତ୍ୱ ଦେଇଛନ୍ତି। ବରଗଡ଼ ଜିଲ୍ଲାରୁ ୧୭-୧୮ ଲକ୍ଷ ମେଟ୍ରିକ ଟନ୍ ଧାନ ଉତ୍ପାଦିତ ହେଉଛି। ତେଣୁ ଚାଷଜମିରୁ ବାହାରୁ ଥିବା ନଡ଼ା ସମେତ ବର୍ଜ୍ୟବସ୍ତୁକୁ ବ୍ୟବହାର କରି ବାୟୋଗ୍ୟାସ ଉତ୍ପାଦନ ପାଇଁ ବ୍ୟବସାୟିକ ଚୁକ୍ତି ହେବ। ଦେଶରେ ହେବାକୁ ଥିବା ୧୨ ଟି ପ୍ରକଳ୍ପ ମଧ୍ୟରୁ ଏହା ଗୋଟିଏ। ଜିଲ୍ଲାରେ ଏହିପରି ଆଉ ୫ଟି ପ୍ରକଳ୍ପ ହେବାର ସମ୍ଭାବନା ମଧ୍ୟ ରହିଛି। ମୋଦୀ ସରକାରଙ୍କର ପଶ୍ଚିମ ଓଡ଼ିଶା ପାଇଁ ଏହା ନୂଆଁଖାଇ ଭେଟି ବୋଲି କହିଥିଲେ ଶ୍ରୀ ପ୍ରଧାନ। ସେହିପରି ପ୍ରଧାନମନ୍ତ୍ରୀ ଧାନ ଫସଲର ମୂଲ୍ୟ ବୃଦ୍ଧି କରିବା ଫଳରେ ଜିଲ୍ଲାରେ ଗତଥର ୧୫୦୦ କୋଟି ଧାନ ବିକ୍ରି ହୋଇଥିବା ବେଳେ କ୍ୱିଣ୍ଟାଲ ପିଛା ୨୦୦ ଟଙ୍କା ବୃଦ୍ଧି ଘଟିଥିବା ହେତୁ ଏଥର ୧୭୦୦ କୋଟି ଟଙ୍କା ଆସିବ। ➤ ପୃ-୬

# ପ୍ରତିଭା ରାୟ ଜ୍ଞାନପୀଠ ଚୟନ କମିଟି ଅଧ୍ୟକ୍ଷ



**ଭୁବନେଶ୍ୱର :** ବିଶିଷ୍ଟ ଓଡ଼ିଆ ଲେଖିକା ଜ୍ଞାନପୀଠ ବିଜୟିନୀ ଡ. ପ୍ରତିଭା ରାୟ ଜ୍ଞାନପୀଠ ଚୟନ କମିଟି 'ପ୍ରଭାର ପରିଷଦ'ର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ନୂଆଦିଲ୍ଲୀରେ ଜ୍ଞାନପୀଠ ଫାଉଣ୍ଡେସନ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଡ. ରାୟଙ୍କ ମନୋନୟନ ➤ ପୃ-୬

# ସରକାରଙ୍କ ଘୋଷଣା ସମ୍ପୂର୍ଣ୍ଣ ବିଫଳ : ବିଜେପି

**ଭୁବନେଶ୍ୱର :** ସାମୁଦ୍ରିକ ଝଡ ତିତ୍‌ଲି ଓ ପରବର୍ତ୍ତୀ ପ୍ରବଳ ବର୍ଷା ଜନିତ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଲୋକମାନଙ୍କୁ ରାଜ୍ୟର ଯୁବବର୍ଗ ଆଗେଇ ଆସି ସହଯୋଗର ହାତ ବଢାଇବା ପାଇଁ ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି ଏକ

## ତିତ୍‌ଲି ମୁକାବିଲା

ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଜଣାଇଛନ୍ତି। ଏହାସହ ଗାଁ ଗାଁ ପର୍ଯ୍ୟନ୍ତ ବିଜେପିର କାର୍ଯ୍ୟକର୍ତ୍ତା ମାନେ ଦୁର୍ଦ୍ଦିନର ସାମ୍ନା କରୁଥିବା ଲୋକମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ଦଳ କାମରେ ଲାଗିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ବାତ୍ୟା ଓ ଆସନ୍ନ ଲଗାଣ ବର୍ଷା ନେଇ ପାଣିପାଗ ବିଭାଗର ସ୍ପଷ୍ଟ ପୂର୍ବାନୁମାନ ସତ୍ତ୍ୱେ ରାଜ୍ୟ ସରକାର ଙ୍କର ପ୍ରସ୍ତୁତିର ବିଫଳତା ସ୍ପଷ୍ଟ ବାରି ହୋଇପଡୁଛି ବୋଲି



ଶ୍ରୀ ମହାନ୍ତି କହିଛନ୍ତି । ଗୋଟିଏ ପଟେ ରାଜ୍ୟ ସରକାର ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ବୋଲି ଘୋଷଣା କରିଥିବା ବେଳେ ଖୋଦ ରାଜ୍ୟ ମୁଖ୍ୟଶାସନ ସଚିବ ଆକଳନ ଭୁଲ୍ କାରଣରୁ ସମସ୍ୟାକୁ ସାମ୍ନା କରିବାରେ ପ୍ରଶାସନ ବିଫଳ ହୋଇଥିବା ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ସଚିବାଳୟରେ ଘନଘନ ସମୀକ୍ଷା ବୈଠକ କରି କେବଳ ➤ ପୃ-୬

# କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ଅର୍ଥ ମଞ୍ଜୁର

**ନୂଆଦିଲ୍ଲୀ :** ଓଡ଼ିଶାର ବ୍ରହ୍ମପୁର ଓ ଆନ୍ଧ୍ରପ୍ରଦେଶର ତିରୁପତି ଠାରେ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥାନ (ଆଇଜର)ର ଦୁଇଟି ନୂତନ ସ୍ଥାୟୀ କ୍ୟାମ୍ପସ ପ୍ରତିଷ୍ଠା କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଆଇଜର କ୍ୟାମ୍ପସ ପ୍ରତିଷ୍ଠା ଓ ପରିଚାଳନା ପ୍ରସ୍ତାବକୁ ମଞ୍ଜୁର କରିଛି। ଏଥିପାଇଁ ୩୦୭୪.୧୨ କୋଟି ଟଙ୍କା (ଅଣ-ପୁନଃପୌନିକ : ୨୩୬୬.୪୮ କୋଟି ଟଙ୍କା ଏବଂ ପୁନଃପୌନିକ: ୭୦୭.୬୪ କୋଟି ଟଙ୍କା) ଖର୍ଚ୍ଚ ହେବ। ବ୍ରହ୍ମପୁର ଆଇଜର ପାଇଁ ୧୫୮୨.୭୮ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ତିରୁପତି ପାଇଁ ୧୪୯୧.୩୪ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରତ୍ୟେକ ଆଇଜରରେ ସପ୍ତମ ସିପିସିର ୧୪ତମ ସ୍ତରରେ ଦୁଇଟି ରେଜିଷ୍ଟ୍ରାର ପଦବୀ ସୃଷ୍ଟି ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛି। ମୋଟ ୩୦୭୪ କୋଟି ଟଙ୍କାର ଆନୁମାନିକ ବ୍ୟୟ

## ବ୍ରହ୍ମପୁରରେ ଆଇଜର

ମଧ୍ୟରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଏହି ସଂସ୍ଥାନର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ଲାଗି ୨୩୬୬.୪୮ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେଥିରୁ ବ୍ରହ୍ମପୁରର କ୍ୟାମ୍ପସ୍ ପାଇଁ ୧୨୨୯.୩୨ ଓ ତିରୁପତିର କ୍ୟାମ୍ପସ୍ ପାଇଁ ୧୧୩୭.୧୬ କୋଟି ଟଙ୍କା ଖର୍ଚ୍ଚ ହେବ। ଉଭୟ ଆଇଜର ୧,୧୭,୦୦୦ ବର୍ଗମିଟର କ୍ଷେତ୍ରରେ ନିର୍ମିତ ହେବ ଏବଂ ପ୍ରତ୍ୟେକ ଆଇଜରରେ ୧୮୫୫ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ଭିତ୍ତିଭୂମି ସୁବିଧା ରହିବ। ଡିସେମ୍ବର ୨୦୨୧ ସୁଦ୍ଧା ଏହି ସଂସ୍ଥାନଗୁଡ଼ିକର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ଶେଷ ହେବ। ଏହି ଦୁଇଟି ଆଇଜରରେ ସ୍ନାତକ ଏବଂ ସ୍ନାତକୋତର, ପିଏଚଡି ଏବଂ ସମନ୍ୱିତ ପିଏଚଡି ସ୍ତରରେ ଉଚ୍ଚ ମାନର ବିଜ୍ଞାନ ଶିକ୍ଷା ପ୍ରଦାନ କରାଯିବ। ଉଭୟ ସଂସ୍ଥାନ ➤ ପୃ-୬

# ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ: ମୁଖ୍ୟମନ୍ତ୍ରୀ

**ସାକ୍ଷୀଗୋପାଳ :** ପଞ୍ଚସଖା ଓଡ଼ିଆ ନବଜାଗରଣର ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଗକୁ ନେବ। ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବ। ଓଡ଼ିଆ ହେଉଛି ସତ୍ୟବାଦୀ। ଏହି ଭୂମିକୁ ମୁଁ ପ୍ରଣାମ କରୁଛି। ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ଏହି ପବିତ୍ର ମାଟିରେ ପାଦଦେଇ ମୁଁ ଗର୍ବିତ। ଗୋପବନ୍ଧୁ ଥିଲେ ତ୍ୟାଗ, ସଂଗ୍ରାମ ଓ ସେବାର ପ୍ରତୀକ। ସେ

## ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ ବୋଲି ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ସତ୍ୟବାଦୀର ବକୁଳବନଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆୟୋଜିତ ଏକ ସଭାରେ ଉଦ୍‌ବୋଧନ ଦେଇ କହିଲେ ଯେ ଓଡ଼ିଆ ଜାତିର ପ୍ରେରଣାର ଭୂମି ମାନବ ସମାଜ ପାଇଁ ଗର୍ବ ଓ ଗୌରବ। ତାଙ୍କ ଜାତି ପ୍ରୀତିର ତୁଳନା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ। ଏହି ସମାବେଶରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ୧୯୦୯ ମସିହା କାର୍ତ୍ତିକ ପୂର୍ଣ୍ଣମୀରେ ଜଳିଥିବା ଦୀପ ଏବେ ଉଜ୍ଜ୍ୱଳ ଜ୍ୟୋତିଷ୍କରେ ପରିଣତ ହୋଇଛି। ସେହି ଉଜ୍ଜ୍ୱଳ ଜ୍ୟୋତିଷ୍କ ହେଉଛି ଓଡ଼ିଆ ବିଶ୍ୱବିଦ୍ୟାଳୟ। ଏହି ସମାବେଶରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଜିଲ୍ଲା ସଭାପତି ମହେଶ୍ୱର ମହାନ୍ତି ଯୋଗଦାନ କରି କହିଲେ ଯେ ଓଡ଼ିଆ ଭାଷାକୁ ଭଲ ପାଉଥିବା ଓ ଓଡ଼ିଆ ମଣିଷ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ଉଚିତ୍। ବକୁଳବନ ନିକଟରେ ୧୦୯ ବର୍ଷ ପୂର୍ବେ ପଞ୍ଚସଖା ବନ ବିଦ୍ୟାଳୟ ପ୍ରତିଷ୍ଠା କରି ମୁକ୍ତାକାଶ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ସଫଳ ହୋଇଛି। ସ୍ୱର୍ଗରେ ଥାଇ ପଞ୍ଚସଖା ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରୁଥିବେ। ଏହି ସମାବେଶରେ ଅନ୍ୟତମ ଅତିଥି ଭାବେ ➤ ପୃ-୬

## ବକ୍ରବାଣୀ



ସୁସ୍ମିତା ବଦଳେ ତିତଲି ଆଇଲା
ତା'ଆସିବା କେହି ଦେଖି ନ ପାଇଲା
ଲୋକାଲ ଚ୍ୟାନେଲ ଖାଲି ଗରଜିଲା
ତିତଲି ଲାଇଭ ମିଛେ ଦେଖେଇଲା
ବୁମ ହାତେ ଧରି ଗଣି ପକେଇଲା
ତିନି ଲକ୍ଷ ଲୋକ ଉଠେଇ ଆଣିଲା
ଜିରୋ କାଜୁଆଲିଟି ରେକର୍ଡ ହେଲା
ଆଜ୍ଞାଙ୍କ ସହର ପାଣିରେ ଭାସିଲା
ଶହେ ଷାଠିଏ ବେଗେ ହାୱା ଚଲେଇ
ସୁସ୍ମିତା ବର୍ଷକିଆ ଦେଲେ ଭୁଲେଇ।

—— ଟୁଟୁ

## ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବ

# ଅଧିକ ପ୍ରଭାବିତ ହେବ ଭାରତ

**ନୂଆଦିଲ୍ଲୀ :** ଜାତିସଂଘ ଦ୍ୱାରା ଆୟୋଜିତ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆନ୍ତଃସରକାରୀ କମିଟି (ଆଇପିସିସି) ଏହାର ରିପୋର୍ଟରେ ଯେଉଁ ତଥ୍ୟ ଉଲ୍ଲେଖ କରିଛି ତାହା ଭାରତ ପାଇଁ ଉଦ୍‌ବେଗଜନକ। ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବା ଦ୍ୱାରା ସର୍ବାଧିକ ପ୍ରଭାବିତ ହେବ ଭାରତ। ତାପମାତ୍ରା ବୃଦ୍ଧି ଯୋଗୁଁ ୨୦୧୫ ମସିହାରେ ଭାରତରେ ଯେଭଳି ଗ୍ରୀଷ୍ମ ପ୍ରବାହ ହୋଇଥିଲା ସେହିପରି ଗ୍ରୀଷ୍ମ ପ୍ରବାହ ପୁଣିଥରେ ଅନୁଭୂତ ହେବ। ବିଶ୍ୱ ତାପମାତ୍ରା ବୃଦ୍ଧିକୁ ନେଇ ଯେଉଁ ପୂର୍ବାନୁମାନ କରାଯାଇଛି ସେଥିରେ ୨୦୩୦ରୁ ୨୦୫୦ ମଧ୍ୟରେ ବିଶ୍ୱର ତାପମାତ୍ରା ୧୫ଡିଗ୍ରୀରୁ ୨ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବ। ଜାତିସଂଘର ଏଭଳି ଆକଳନ ଭାରତକୁ ଚିନ୍ତାରେ ପକାଇଛି। ଉଲ୍ଲେଖଯୋଗ୍ୟ, ୨୦୧୫ରେ ହୋଇଥିବା ଗ୍ରୀଷ୍ମ ପ୍ରବାହରେ ଭାରତରେ ୨୫୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା। କେବଳ ଭାରତ ନୁହେଁ ପାକିସ୍ତାନ ମଧ୍ୟ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ପ୍ରଭାବିତ ହେବ।

ନିକଟରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଆଇପିସିସିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଭଳି ରିପୋର୍ଟ ପ୍ରକାଶ ପାଇଛି। ଯେଉଁଥିରେ ଦର୍ଶାଯାଇଛି ବିଶ୍ୱ ତାପମାତ୍ରା ବୃଦ୍ଧି ଦ୍ୱାରା ଦାରିଦ୍ର୍ୟ ବଢ଼ିବ। ତାପମାତ୍ରା ବଢ଼ିବା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ



ଘଟିବା ସହିତ ଖାଦ୍ୟ ଉତ୍ପାଦନ ମଧ୍ୟ ହ୍ରାସ ପାଇବ। ଯାହା ପରୋକ୍ଷରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବ। ସମ୍ପ୍ରତି ବିଶ୍ୱରେ ଯେଉଁ ହାରରେ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହେଉଛି ତାହା ଯଦି ଜାରି ରହେ ତେବେ ୨୦୩୦ ବେଳକୁ ବିଶ୍ୱର ତାପମାତ୍ରା ନିଶ୍ଚିତ ଭାବେ ୧୫ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବ। ବର୍ତ୍ତମାନ ଅଙ୍ଗାରକାମ୍ଳ ନିର୍ଗମନକାରୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତର ସ୍ଥାନ ତୃତୀୟରେ ରହିଛି। ଚୀନ୍ ଓ ଆମେରିକା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରିପୋର୍ଟ ଅନୁସାରେ ଗତବର୍ଷ ଭାରତ ଏହାର ତାପଜ ବିଦ୍ୟୁତ୍ କ୍ଷେତ୍ରରୁ ୯୨୯ ନିୟୁତ ଟନ୍ ଅଙ୍ଗାରକାମ୍ଳ ଗ୍ୟାସ ➤ ପୃ-୬



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୫ - ୨୧ ଅକ୍ଟୋବର, ୨୦୧୮


# ସମୟ ଅନୁସାରେ ପରିବର୍ତ୍ତନ

ଧରାବତରଣ କରିବେ ମା'। ଏହି କେତୋଟି ଶବ୍ଦ ମଣିଷ ମନରେ ପୁଲକ ଯୋଗାଇଦେବା ସହିତ ଭକ୍ତି ଅର୍ଘ୍ୟର ମହାର୍ଘ ସୁଯୋଗଟିଏ ଆଣିଦିଏ ଯେମିତି। ହିନ୍ଦୁ ପରମ୍ପରା ଅନୁଯାୟୀ ମା'ଦଶଭୁଜାଙ୍କର ମୃଣ୍ମୟୀ ମୂର୍ତ୍ତି ପୂଜା ହେବାର ବିଧି କାହିଁ କେଉଁକାଳୁ ଆରମ୍ଭ ହୋଇଆସିଛି। ମଣିଷ ଭିତରର ପାଶବିକତାକୁ ଦୂର କରି ଧରାପୃଷ୍ଠରେ ଶାନ୍ତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଆସନ୍ତି ମା'। ତାଙ୍କର ନିରାଧନା ପାଇଁ ପବିତ୍ର ମାଟିଉଠା ଦିନଠାରୁ ପୂର୍ଣ୍ଣାଙ୍ଗ ଅବୟବ ପ୍ରତିଷ୍ଠା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ନିଷ୍ଠାପର ଭାବେ କରାଯାଏ। ଭକ୍ତିମୟ ପରିବେଶ ଓ ଶୁଦ୍ଧ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ନାନା ବିଧିରେ ମା'ଙ୍କର ପୂଜାର୍ଚ୍ଚନା ହୁଏ। ଆସୁରିକ ପ୍ରବୃତ୍ତିର ବିନାଶ ନିମନ୍ତେ ପ୍ରତୀକାତ୍ମକ ଭାବେ ମଧ୍ୟ ରାତ୍ରିରେ ବଳୀଦାନ କରାଯିବାର ଯେଉଁ ବିଧି ରହିଛି ତାହା ମାନବ ସମାଜକୁ ଏକ ଚେତନା ଦେବା ପାଇଁ ଉଦ୍ଦିଷ୍ଟ। ବାହ୍ୟ ଅହଂକାର ଓ ଖଳ ପ୍ରକୃତିର ନିଧନ ନିମନ୍ତେ ଏଭଳି ଏକ ପ୍ରକ୍ରିୟା ଭକ୍ତମାନଙ୍କ ମନକୁ ଆନ୍ଦୋଳିତ କରିଥାଏ। ମାଟିପୂଜାର ଏହି ସାମୟିକ ବିଧି ମଧ୍ୟରେ କେବଳ ମା' ନଥାନ୍ତି। ମା' ଚିରକାଳ ସବୁଠି ବିଦ୍ୟମାନ ରହିଥାନ୍ତି। ହେଲେ ମା'ଙ୍କ ବାସ୍ତବ ଉପସ୍ଥିତିକୁ ଅନୁଭବ କରିବା ପାଇଁ ତଥା ମଣିଷ ମନରେ ଚେତନାର ଜାଗରଣ ପାଇଁ ଏଭଳି ଅନେକ ପୂଜା ପାଠ ଆମ ସାମାଜିକ ଜୀବନରେ ପ୍ରଭାବ ବିସ୍ତାର କରିଆସିଛି। ପୂର୍ବରୁ ନିରାଡମ୍ବର ପୂଜାର ପରମ୍ପରା ଏବେ ଆଧୁନିକତାର ସ୍ପର୍ଶ ପାଇ ଅଧିକ ଆକର୍ଷଣୀୟ ହୋଇପାରିଛି। ସୁଦୃଶ୍ୟ ତୋରଣ, ରଙ୍ଗୀନ ଆଲୋକର ସାଜସଜ୍ଜା ସହିତ ମନୋରଞ୍ଜନର ଭାବପୂର୍ଣ୍ଣ ପରିବେଶ ପୂଜା ସ୍ଥଳକୁ ଜନସମୁଦ୍ର କରିବା ଦିଗରେ ସକ୍ଷମ ହୋଇଛି। ଶାରଦୀୟ ଦୁର୍ଗା ପୂଜା ପୂର୍ବାପେକ୍ଷା ଅନେକ କିଛି ବଦଳି ଯାଇଛି। ମନ୍ତ୍ର ସମାନ ଥିଲେ ବି ଉଚ୍ଚାରଣର ଭିନ୍ନତା ସ୍ପଷ୍ଟ ବାରି ହୋଇପଡୁଛି। ମଣିଷ ଜୀବନରେ ଉଚ୍ଚାରଣ ଓ ଆଚରଣରେ ପ୍ରଭେଦ ରହିଲେ ଏହା ପ୍ରଭାବୀ ହୋଇନଥାଏ। ତେଣୁ ପ୍ରତ୍ୟେକ ପୂଜାପାଠ ସମୟରେ ନିର୍ମଳ ହୃଦୟ ଓ ସ୍ୱଚ୍ଛ ମନ ହିଁ ଦେବଦେବୀଙ୍କ ମନ କିଣିବାରେ ସକ୍ଷମ ହୋଇଥାଏ। ଲୋକ ଦେଖାଣିଆ କୌଣସି ଭାବ କେବେ ଛୁଇଁ ନଥାଏ ଈଶ୍ୱରଙ୍କ ମନ। ତେଣୁ ଯେଉଁମାନେ ଏହି କାର୍ଯ୍ୟରେ ନିମଗ୍ନ ଥାଆନ୍ତି ବା ବ୍ୟସ୍ତ ଥାଆନ୍ତି ସେମାନେ ନିହାତି ନିଜ ଭିତରେ ସଂସ୍କାର ପ୍ରତି ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ମଣିଷ ମନର ଅହଂକାରକୁ କେବେ ସହିପାରନ୍ତିନି ଦେବୀ। ତେଣୁ ମଣିଷ ନିଜ ଭିତରେ ନିଜେ ଜାଗ୍ରତ ହୋଇ ଅହଂକାର ତ୍ୟାଗ କରି ସମର୍ପିତ ଭାବେ ଯେତେବେଳେ ମା'ଙ୍କ ଆରାଧନା କରନ୍ତି ସେତେବେଳେ ମା' ସ୍ୱୟଂ ଆବିର୍ଭୂତା ହୋଇଥାନ୍ତି। କେବଳ ପ୍ରତିଦ୍ୱନ୍ଦିତା ମାନସିକତା ନେଇ ଯେତେବେଳେ ଧର୍ମୀୟ କାର୍ଯ୍ୟ ହୁଏ ପରେ ଏହାର କୁଫଳ ନିହାତି ଭୋଗ କରିବାକୁ ପଡେ। ଚଳିତବର୍ଷ ଦୁର୍ଗାପୂଜା ଆରମ୍ଭ ପୂର୍ବରୁ 'ତିତ୍‌ଲି' ଓଡ଼ିଶାରେ ଭୟଙ୍କର ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ଆଶଙ୍କା ଦେଖା ଦେଇଥିଲା। ଏଥିପାଇଁ ସରକାର ସବୁ ପ୍ରକାର ପ୍ରସ୍ତୁତି ମଧ୍ୟ କରିଥିଲେ। ହେଲେ ମା'ଙ୍କ ଅପୂର୍ବ କରୁଣାରୁ ତିତ୍‌ଲି ନିଜର ଗତିପଥ ବଦଳାଇ ପଶ୍ଚିମବଙ୍ଗ ମୁହାଁ ହୋଇଥିଲା। ତେଣୁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବ୍ୟାପକ କ୍ଷତି ହୋଇଥିଲା ବେଳେ ଅନ୍ୟାନ୍ୟ ଜିଲ୍ଲାରେ କେବଳ ପ୍ରବଳ ବର୍ଷା ଲାଗି ରହିଥିଲା।

ସମ୍ପାଦକୀୟ



ତାରକ ମହାନ୍ତି

ଓଡ଼ିଶାର ଚିରସହଚର ହେଉଛି ବାତ୍ୟା ଓ ବନ୍ୟା। ଏହାରି ଭିତରେ ସରକାରଙ୍କୁ ଅନେକ ସତର୍କତାମୂଳକ ପଦକ୍ଷେପ ସହିତ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ହେବାକୁ ପଡିଥାଏ। ଯାହାକି ନିକଟରେ ଘଟିଯାଇଛି। ତେବେ ଏହି ଆଧ୍ୟାତ୍ମିକ ପୃଷ୍ଠଭୂମିରେ ଅନେକ ଅକୁହା ବେଦନା ବେଳେ ବେଳେ ହୃଦୟକୁ ବିଦାରଣ କରୁଛି। ପବିତ୍ର ଧର୍ମପୀଠ ଶ୍ରୀକ୍ଷେତ୍ରରେ ନିକଟରେ ଘଟିଯାଇଥିବା କିଛି ଘଟଣା ଧର୍ମ ପ୍ରତି ମଣିଷ ମନରେ ଥିବା ବିଶ୍ୱାସକୁ ଆଘାତ ଦେଇଛି। ପୁରୀ ଘଟଣା ଭକ୍ତ ସମାଜ ପାଇଁ ଏକ ପ୍ରକାର ସ୍ତବ୍ଧ ହେଲା ଭଳି ଘଟଣା। କାରଣ ଯେଉଁ ମାନସିକତା ନେଇ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରକୁ ଆସନ୍ତି ଓ ଯେଉଁ ଅନୁଭୂତି ନେଇ ଫେରନ୍ତି ତାହା ସେମାନଙ୍କ ମନରେ ଗଭୀର ରେଖାପାତ କରିଛି। ସାମ୍ପ୍ରତିକ ସମୟରେ କଳୁଷିତ ରାଜନୀତି ଯେ ଆଧ୍ୟାତ୍ମିକ ପରିବେଶକୁ ସ୍ୱଚ୍ଛନ୍ଦରେ ନଷ୍ଟ କରିପାରେ ତା'ର ସଦ୍ୟତମ ଉଦାହରଣ ହେଉଛି ଏହି ଘଟଣା। ଏହି ଘଟଣା ଏବେ ସାମାନ୍ୟ ଆନ୍ଦୋଳନ ବା ଗଣ୍ଡଗୋଳ ଘଟଣା ହୋଇ ରହିନାହିଁ। ଏହା ସମ୍ପୂର୍ଣ୍ଣ ରାଜନୈତିକ ଅଭିସନ୍ଧିମୂଳକ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କାରଣ ଶାସକ ବିଜେଡି ଓ ବିରୋଧୀ ବିଜେପି ଉଭୟ ନିଜ ଭିତରେ କାଦୁଅ ଫିଙ୍ଗା ରାଜନୀତି ଆରମ୍ଭ କରିଦେଇଛନ୍ତି। ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି, ପୁରୀ ଘଟଣାରେ ବିଜେପିର ହାତ ଅଛି। କିନ୍ତୁ ରାଜ୍ୟ ବିଜେପି ପକ୍ଷରୁ ଏହାକୁ ଦୃଢ଼ ଭାବେ ଖଣ୍ଡନ କରାଯାଇ କୁହାଯାଉଛି ଯେ, ମନ୍ତ୍ରୀ ନ ଚାହିଁଲେ ପୁରୀରେ ପତ୍ରଟିଏ ହଲେନାହିଁ। ତେବେ କେଉଁଭଳି ପରିସ୍ଥିତିରେ ମନ୍ତ୍ରୀ ନଜାଣି ଏହି କାଣ୍ଡ ଘଟିଲା। ଜାଣିବା ଶୁଣିବା ଲୋକ ଯେତେବେଳେ କିଛି ନଜାଣିବାର ଅଭିନୟ କରିବେ ସେତେବେଳେ ସାଧାରଣ ଲୋକ କାହା କଥାକୁ ବିଶ୍ୱାସ କରିବେ। ଶ୍ରୀମନ୍ଦିରରେ ଧାଡି ଦର୍ଶନକୁ ବିରୋଧ କରି ବନ୍ଦ ପାଳନ ବେଳେ ଯେଉଁଭଳି ଅଭାବନୀୟ କାଣ୍ଡ ଘଟିଗଲା ତାହା ଅତ୍ୟନ୍ତ ନିନ୍ଦନୀୟ। ହିନ୍ଦୁ ଭାବାବେଗର ସର୍ବୋତ୍ତମ ପୀଠ ଭାବେ ପରିଗଣିତ ଶ୍ରୀକ୍ଷେତ୍ରରେ ଏଭଳି ଘଟଣା ଘଟିବାକୁ ନେଇ ସମସ୍ତେ ନିନ୍ଦା କରୁଛନ୍ତି। ଘଟଣା ପଛରେ ଯାହାବି ଥାଉନା କାହିଁକି ପ୍ରଶାସନର ଅପାରଗ ପଣିଆ ଯେ, ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ତାହା ସ୍ୱୀକାର କରିବାକୁ ପଡିବ। କାରଣ ପୂର୍ବରୁ ଜିଲ୍ଲା ପ୍ରଶାସନ ନିକଟରେ ଏ ସମ୍ପର୍କିତ ଖବର ରହିଥିଲେ ସୁଦ୍ଧା କେଉଁ କାରଣରୁ ପ୍ରଶାସନ ସଜାଗ ନରହିଲା ତାହା ସନ୍ଦେହ ଘେରରେ। ଜଗନ୍ନାଥ ସେନାର ଆହ୍ୱାନ କ୍ରମେ ଗତ ୩ ତାରିଖ ଦିନ ବନ୍ଦ ପାଳନ ବେଳେ ହିଂସାକାଣ୍ଡ, ଭଙ୍ଗାରୁଜା ଓ ଯେଭଳି ବିଶୃଙ୍ଖଳିତ ଆଚରଣ ହୋଇଥିଲା ତାହା ସାରା ବିଶ୍ୱରେ ଶ୍ରୀକ୍ଷେତ୍ରକୁ ନିନ୍ଦିତ କରିବା ସହିତ ଧର୍ମ ଭାବନା ପ୍ରତି ଆଘାତ ପହଞ୍ଚାଇଛି। ତେଣୁ ଏଥିରେ ପକ୍ଷପାତିତା ନରଖି ଦଳମତ ନିର୍ବିଶେଷରେ ଯିଏ ବି ଦୋଷୀ ତାକୁ ଉଚିତ ଦଣ୍ଡ ନ ମିଳିଲେ ବ୍ୟବସ୍ଥାରେ ସ୍ୱଚ୍ଛତା ନାହିଁ ବୋଲି ସ୍ପଷ୍ଟ ଜଣାପଡିଯିବ। ଏହି ପରିସ୍ଥିତିରେ ସରକାର ଘଟଣାକୁ ଗୁରୁତର ଭାବେ ବିଚାର କରି ନିରପେକ୍ଷ ଭାବେ ଏହାର ତଦନ୍ତ ଦାୟିତ୍ୱ ତୃତୀୟ ପକ୍ଷ ଉପରେ ନ୍ୟସ୍ତ କରିବାର ଆବଶ୍ୟକତା ରହିଛି। ଭକ୍ତର ଭାବାବେଗ ସହିତ ଖେଳ ଖେଳିବାର ଅଧିକାର କୌଣସି ଶାସନ ବା ପ୍ରଶାସନର ନାହିଁ। ତେଣୁ ଧାର୍ମିକ ପୀଠ ମାନଙ୍କରେ ଶୃଙ୍ଖଳା ପ୍ରତି ଗୁରୁତ୍ୱ ଦିଆଯାଇ ସମୟ ଅନୁସାରେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସବୁଠୁ ବଡ ପ୍ରସଙ୍ଗ। ପ୍ରସଙ୍ଗକୁ ଏଡାଇ ଯାଇ ସ୍ୱାର୍ଥ ହାସଲର ଚିନ୍ତା ଯେପର୍ଯ୍ୟନ୍ତ ମଣିଷକୁ କବଳିତ କରି ରଖିଛି ସେ ପର୍ଯ୍ୟନ୍ତ ଚିନ୍ତାଧାରାରେ ପରିବର୍ତ୍ତନ ଘଟିବାର ସମ୍ଭାବନା ନାହିଁ। ତେଣୁ ହୃଦୟକୁ ପବିତ୍ର ରଖିବାର ସହିତ ମନ ଭିତରେ ନିର୍ମଳ ଭାବନାର ଉନ୍ମେଷ ନ ଘଟିଲେ ଈଶ୍ୱରୀୟ ସତ୍ତା ଅନୁଭବ କରିବା ସହଜ କଥା ହେବନାହିଁ। ଶରତ ଆକାଶର ନିର୍ମଳ ଜହ୍ନ ପରି ମଣିଷ ମନରେ କୋମଳ ଭାବନା ଓ ସହଯୋଗର ଚିନ୍ତାଧାରା ବଜାୟ ରଖିବାକୁ ମା'ଙ୍କ ନିକଟରେ ନିବେଦନ କରିବା ସହିତ ସମସ୍ତଙ୍କ ମଙ୍ଗଳ କାମନା କରୁଛି।


ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଆମ ଭିତରେ କିଛି ଅଛି କି !



ବାଦଲ ଭୂୟାଁ

ରାଜନୀତିର ସ୍ତମ୍ଭ ଲେଖିବା ସମୟରେ ଉପରୋକ୍ତ ଏକ ଓଡ଼ିଆ ଚଳଚ୍ଚିତ୍ର ଧାଡ଼ି ଆମ ପ୍ରିୟ ପାଠକ ମାନଙ୍କୁ ଅଡୁଆ ଲାଗିପାରେ। ଅନ୍ୟ ମାନଙ୍କ ଠାରୁ ଲୁକ୍‌କାୟିତ ଦୂରରେ ରହି ଦୁଇଜଣଙ୍କ ଭିତରେ ନିଘନ ସମ୍ପର୍କର କାହାଣୀ ହେଉଛି ଶୀରୋନାମାର ମୂଳକଥା। ଇତିମଧ୍ୟରେ ଇଣ୍ଡିଆ ଟୁଡେର ସର୍ଭେ, ବିଭିନ୍ନ ସର୍ବେକ୍ଷଣ ସଂସ୍ଥାର ପ୍ରାକ୍ ନିର୍ବାଚନୀ ଜନମତ କେନ୍ଦ୍ରରେ ବିଜେପି, ଓଡ଼ିଶାରେ ବିଜେଡ଼ିର ବର୍ଦ୍ଧିତ ଲୋକପ୍ରିୟତାକୁ ସୂଚୀତ କରୁଥିବାବେଳେ ଏହାକୁ ନେଇ ରାଜନୀତିର ପାଣିପାଗ ତିତ୍‌ଲି ବିପର୍ଯ୍ୟୟ ଭିତରେ ବି ଯଥେଷ୍ଟ ସରଗରମ କରିଛି। କେନ୍ଦ୍ରର ଅନେକ ଭାଜପା ମନ୍ତ୍ରୀ ଓଡ଼ିଶାରେ ନବୀନ ବାବୁଙ୍କ ସରକାରଙ୍କୁ ଭଲ ସାର୍ଟିଫିକେଟ ଦେଉଛନ୍ତି। ଓଡ଼ିଶା ସରକାର ଅନେକ କ୍ଷେତ୍ରରେ କେନ୍ଦ୍ର ଠାରୁ ପ୍ରଶଂସନୀୟ ସମ୍ମାନ ବି ପାଉଛନ୍ତି। ଆଉ ଏକଥା ବି ସତ ଅନେକ ପ୍ରଭାବଶାଳୀ କେନ୍ଦ୍ରମନ୍ତ୍ରୀଙ୍କ ସହ ନବୀନ ବାବୁଙ୍କ ସମ୍ପର୍କ ଅତି ଉତ୍ତମ। କୁହାଯାଏ ସିବିଆଇର ଚିଟ୍‌ଫଣ୍ଡ ଖଣ୍ଡାକୁ ସୁରକ୍ଷିତ ଭାବେ ନିଜ ଦଳ ଓ ସରକାରଙ୍କ ଉପରୁ ହଟାଇବାକୁ ସକ୍ଷମ ହୋଇପାରିଥିଲେ ନବୀନ ବାବୁ। ନବୀନ ବାବୁଙ୍କ ରାଜନୀତିର ଯେଉଁ ଅନେକ ସୁଗୁଣ ରହିଛି ତାହା ହେଉଛି ତାଙ୍କର କୌଣସି ରାଜନୈତିକ ଶତ୍ରୁଙ୍କ ବିରୁଦ୍ଧରେ ମଧ୍ୟ ପଦୁଟିଏ କୁହନ୍ତି ନାହିଁ। ବିଶେଷକରି ଓଡ଼ିଶାର ଭାଜପା ନେତାଙ୍କ ବିରୁଦ୍ଧରେ ଟିକାଟିପ୍ପଣୀ ଦେଇ ରାଜନୀତିର ଗୋଳିଆ ପାଣିକୁ ପଶିବା ପାଇଁ ଆଦୌ ଚାହାଁନ୍ତି ନାହିଁ ସେ। କିନ୍ତୁ ଓଡ଼ିଶାର ବିଜେପି ପୋଷ୍ଟର ବୟ କେନ୍ଦ୍ରର ପ୍ରଭାବଶାଳୀ ଓ ମୋଦି-ଶାହାଙ୍କ ଏକାନ୍ତ ଅନୁଗତ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସେ ଯେଉଁ ଦିନ ଠାରୁ ନିଜ ବିପକ୍ଷ ପ୍ରତିଦ୍ୱନ୍ଦ୍ୱୀ ଭାବେ ଗ୍ରହଣ କରିସାରିଲେଣି ସେହିଦିନ ଠାରୁ ଧର୍ମେନ୍ଦ୍ର ବାବୁଙ୍କ ଉପରେ ବିଜେଡ଼ିର କାଦୁଆ ଫିଙ୍ଗା ଚାଲିଛି। ତେବେ ରାଜ୍ୟର କୌଣସି ବିଜେଡ଼ି ନେତା ବା ଦଳୀୟ କର୍ମକର୍ତ୍ତା ଧର୍ମେନ୍ଦ୍ର ବାବୁଙ୍କୁ କୌଣସି ପରିସ୍ଥିତିରେ ପ୍ରଶଂସା କରିଥିବାର ନଜିର ନାହିଁ। ଯଦିଓ ଏକଦା ସରକାରୀ କାର୍ଯ୍ୟକ୍ରମରେ ତତ୍କାଳୀନ ହେବିୱେଟ ବିଜେଡ଼ି ନେତା ଦାମୋଦର ରାଉତ ଧର୍ମେନ୍ଦ୍ର ବାବୁଙ୍କୁ ଉଚ୍ଚ ପ୍ରଶଂସାରେ ପୋତି ପକାଇଥିଲେ। କିନ୍ତୁ ବର୍ତ୍ତମାନ ଦାମ ବାବୁ ବିଜେଡ଼ିର 'ବାଗୀ' ନେତା ଭାବେ ଶେଷରେ ବହିଷ୍କୃତ ହୋଇଛନ୍ତି।

ନିକଟରେ ଭଟ୍‌ଲୀର ବାଉଲସିଂଘା ଠାରେ ଟୁ-ଜି ଇଥାନଲ୍ ଜୈବ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଗ ଦେଇଥିଲେ ବିଜେଡ଼ିର ଟାଣୁଆ ନେତା ତଥା ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ। କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଯୋଗ ଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମର ଘଟଣା ଏବେ ରାଜନୀତିର ପାଣିପାଗକୁ ସରଗରମ କରିଛି। ଓଡ଼ିଶାର ବିକାଶ କ୍ଷେତ୍ରରେ ଲଗାତାର ଉଲ୍ଲେଖନୀୟ ଅବଦାନ ପାଇଁ ସେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୂରି ଭୂରି ପ୍ରଶଂସାରେ ପୋତି ପକାଇଥିଲେ। ଯାହାକି ଉପସ୍ଥିତ ବିଜେପି ନେତା, ମଞ୍ଚାସୀନ ଅତିଥି ଓ ମିଡ଼ିଆ ପ୍ରତିନିଧିଙ୍କୁ ଆଚମ୍ବିତ କରିଦେଇଥିଲା। ବିଜେଡ଼ିର ଜଣେ ଓସ୍ତାଦ ଓ ଫୋଖତ ରାଜନେତା ଭାବେ ପ୍ରସନ୍ନ ଆଚାର୍ଯ୍ୟଙ୍କ ସୁନାମ ରହିଛି। ବିଜେଡ଼ି ଦଳ ଗଠନରେ ତାଙ୍କ ଭୂମିକା ବି ସ୍ମରଣୀୟ। ତେବେ ଓଡ଼ିଶାର ବିକାଶରେ ଧର୍ମେନ୍ଦ୍ର ବାବୁଙ୍କ ଅବଦାନକୁ ସ୍ପଷ୍ଟ ଉଲ୍ଲେଖ କରି ସେ ଯେଉଁ ପ୍ରଶଂସା କରିଥିଲେ ପ୍ରତିଉତ୍ତରରେ ଋଣ ସୁଝାଇବାକୁ ଯାଇ ଧର୍ମେନ୍ଦ୍ର ବାବୁ ମଧ୍ୟ ପ୍ରସନ୍ନ ବାବୁଙ୍କୁ ନିଜର ବଡ଼ଭାଇ ଭାବେ ଉଲ୍ଲେଖକରି ସମ୍ମାନ ଦିଅନ୍ତି ବୋଲି ମଞ୍ଚରେ ବକ୍ତବ୍ୟ ରଖିଥିଲେ। ବରଗଡ଼ର ଏହି ସର୍ବବୃହତ୍ ପ୍ରକଳ୍ପରେ ହଜାର କୋଟି ଟଙ୍କାର ଯୋଜନାରେ ସ୍ଥାନୀୟ ବିକାଶ ଓ କର୍ମ ସଂସ୍ଥାନର ଆଶା ଭରଷା ଥିବାରୁ ନିଜ ନିର୍ବାଚନ କ୍ଷେତ୍ରର ଗୁରୁତ୍ୱକୁ ଉଲ୍ଲେଖ ରଖି ପ୍ରସନ୍ନ ବାବୁଙ୍କ ମନ୍ତବ୍ୟ ଗ୍ରହଣୀୟ ନିଶ୍ଚୟ। ଓଡ଼ିଶାରେ ଏକଦା ମେଣ୍ଟ ଶାସନରେ ବିଜେଡ଼ି-ବିଜେପି ଥାଇ ମଧ୍ୟ ବର୍ତ୍ତମାନର ରାଜନୈତିକ ଦୃଷ୍ଟିକୋଣ ଯାହା ଧର୍ମେନ୍ଦ୍ର ବାବୁଙ୍କ ସହ ଗୋଟିଏ ମଞ୍ଚରେ ବସିବା ପାଇଁ କୌଣସି ମନ୍ତ୍ରୀ, ବିଧାୟକ, ସାଂସଦ ବା ନେତା ଆଦୌ ପସନ୍ଦ କରନ୍ତି ନାହିଁ। ତେବେ କିଛି କାର୍ଯ୍ୟକ୍ରମର ବାଧ୍ୟବାଧକତାରେ କାଁ ଭାଁ ବିଜେଡ଼ିର ନେତାମାନେ ମଞ୍ଚାସୀନ ହେବାକୁ ବାଧ୍ୟ ହୁଅନ୍ତି। ନିକଟରେ ପୁରୀ ସାଂସଦ ପିନାକୀ ମିଶ୍ର ଧର୍ମେନ୍ଦ୍ର ବାବୁଙ୍କ ପ୍ରଶଂସା କରି ଦଳ ଭିତରେ ତୀବ୍ର ସମାଲୋଚନାର ଶରବ୍ୟ ହୋଇଥିଲେ। ଧର୍ମେନ୍ଦ୍ରଙ୍କ ପ୍ରତି ପ୍ରସନ୍ନ ବାବୁ ଯେଉଁ ମନ୍ତବ୍ୟ ରଖିଥିଲେ ତାହାକୁ ଆମେ ସ୍ପଷ୍ଟ ଭାବେ ଲେଖୁଛୁ - 'ଭାରତ ବର୍ଷକୁ, ଓଡ଼ିଶାକୁ, ପଶ୍ଚିମ ଓଡ଼ିଶାକୁ ଓ ବରଗଡ଼ ଜିଲ୍ଲାକୁ ବିକାଶର ଏକ ନୂତନ ଦିଗ୍‌ଦର୍ଶନ ଦେବା ପାଇଁ ଆଜି ଯାହା କରାଗଲା ସେଥିପାଇଁ ମୁଁ ଧର୍ମେନ୍ଦ୍ର ବାବୁଙ୍କୁ ଧନ୍ୟବାଦ ଦେଉଛି।' ବିକାଶ ଯାତ୍ରାରେ ରାଜନୀତିର ଚଷମା ହଟାଇ ସ୍ୱଚ୍ଛ ଚଷମା ପିନ୍ଧି ବିକାଶର ଜୟଯାତ୍ରାକୁ ଭାରତରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ପହଞ୍ଚାଇବାକୁ ପ୍ରସନ୍ନ ବାବୁ ଆହ୍ୱାନ ଦେଇ ଆଉ ଏକପାଦ ଧର୍ମେନ୍ଦ୍ରଙ୍କ ପ୍ରତି ଯେପରି ଆଗେଇ ଯାଇଥିଲେ। କେବଳ ସେତିକି ନୁହେଁ ଧର୍ମେନ୍ଦ୍ର ବାବୁ ଓଡ଼ିଶାର ବିକାଶ ବେଗକୁ ଆଗେଇ ନେଉଛନ୍ତି ଯାହା ପାଇଁ ସେ ବରଗଡ଼ବାସୀ ଓ ସମଗ୍ର ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ପ୍ରସନ୍ନ ବାବୁଙ୍କ ମନ୍ତବ୍ୟ ଧର୍ମେନ୍ଦ୍ର ବାବୁଙ୍କୁ ନିଶ୍ଚିନ୍ତ ଆମୋଦିତ କରିଥିବ। ବିଜେପି କର୍ମୀଙ୍କ ପ୍ରବଳ କରତାଳି ଭିତରେ ସଭାମଞ୍ଚ ଫାଟି ପଡ଼ିଥିଲା। ତେବେ ଆଉ ଏକ ବିଲକ୍ଷଣ ଘଟଣା ଥିଲା ବୋଧେ ହୁଏ ପ୍ରଥମ ଥର ପାଇଁ ଧର୍ମେନ୍ଦ୍ର ବାବୁଙ୍କ କାର୍ଯ୍ୟକ୍ରମରେ ବିଜେଡ଼ିର ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସ୍ନେହାଙ୍ଗିନ ଛୁରିଆ ଓ ସୁଶାନ୍ତ ସିଂହଙ୍କ ସହ ସାଂସଦ ପ୍ରଭାସ ବାବୁ ଓ ଜିଲ୍ଲା ପରିଷଦର ଅଧ୍ୟକ୍ଷା ମୁକ୍ତା ପ୍ରମୁଖ ଯୋଗ ଦେଇଥିଲେ। କିନ୍ତୁ ପ୍ରସନ୍ନ ବାବୁଙ୍କ ବ୍ୟତୀତ ଉପରୋକ୍ତ କୌଣସି ବିଜେଡ଼ି ମନ୍ତ୍ରୀ ବା ନେତା ଧର୍ମେନ୍ଦ୍ର ବାବୁଙ୍କ ବିଷୟରେ ପଦୁଟିଏ କହିନଥିଲେ। ଏହା ସ୍ୱାଭାବିକ କଥା ବରଗଡ଼ରେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ଜାତୀୟ ସ୍ତରର ଇଥାନଲ କାରଖାନା ଧର୍ମେନ୍ଦ୍ର ବାବୁଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାର ଫଳ। ଏହା ନିଶ୍ଚୟ ବିଜେପିର ଭୋଟବ୍ୟାଙ୍କକୁ ସୁଦୃଢ଼ କରିବ। ଏହି ପ୍ରକଳ୍ପ ଚାଷୀ ଓ ଚାଷଭିତ୍ତିକ କାର୍ଯ୍ୟକ୍ରମ ହୋଇଥିବାରୁ ଧର୍ମେନ୍ଦ୍ରଙ୍କୁ ବିରୋଧ କରିବା ଦ୍ୱାରା ବିଜେଡ଼ିର ନିଜ ଗୋଡରେ କୁରାଢ଼ି ମାରିବା ପରି ପ୍ରସଙ୍ଗ। ତେବେ ରାଜନୀତିର ଓସ୍ତାଦ ଖେଳାଳୀ ପ୍ରସନ୍ନ ବାବୁ ଭଲ ଭାବେ ଜାଣିଛନ୍ତି ନବୀନ ବାବୁ ତାଙ୍କ ବିପକ୍ଷ ପ୍ରତିଦ୍ୱନ୍ଦ୍ୱୀ ଭାବେ ଧର୍ମେନ୍ଦ୍ର ବାବୁଙ୍କୁ ଗ୍ରହଣ କରିବା ଠାରୁ ବିଜେଡ଼ି ଓ ଶାସକ ଦଳ ସବୁକ୍ଷେତ୍ରରେ ମୁକାବିଲା ପରିସ୍ଥିତି ସୃଷ୍ଟି କରୁଛି। ଏହା ନିଶ୍ଚିନ୍ତ ଭାବରେ ନବୀନ ବାବୁ ବା ବିଜେଡ଼ିର ଶକ୍ତିଶାଳୀ କ୍ଷମତା କେନ୍ଦ୍ରକୁ ଅସନ୍ତୁଷ୍ଟ ବି କରିପାରେ। ଧର୍ମେନ୍ଦ୍ର ବାବୁ ନିଜ ବିଭାଗର ସୁଫଳ ରାଜ୍ୟବାସୀଙ୍କୁ ଦେବା ପାଇଁ ଆଗ୍ରହୀ। ମୋଦି ଓ ଶାହାଙ୍କ ଏକାନ୍ତ ଅନୁଗତ ଧର୍ମେନ୍ଦ୍ର ବାବୁ ଓଡ଼ିଶାର ଅନେକ ବିକାଶ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରୁଛନ୍ତି। ଦଳମତ ନିର୍ବିଶେଷରେ ତାଙ୍କ ପ୍ରତି ରାଜ୍ୟବାସୀଙ୍କ ଅକୁଣ୍ଠ ସମର୍ଥନ ରହିବା ସ୍ୱାଭାବିକ। ରାଜନୀତିର ଉଚ୍ଚା-ନୀଚା ଜଣଙ୍କ ବ୍ୟକ୍ତିତ୍ୱର ବଡ଼ ପ୍ରତିବିମ୍ବ ନହୋଇପାରେ କିନ୍ତୁ କେନ୍ଦ୍ର ବିଜେପି ଓଡ଼ିଶାକୁ ଯେଉଁପରି ନିଜ ଫୋକସରେ ରଖିଛି ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ପୂର୍ବଭାରତର ବିକାଶର ନାରା ନିଶ୍ଚିନ୍ତ ଭାବରେ ଓଡ଼ିଶାକୁ ସୂଚୀତ କରୁଛି। ଏହି କ୍ରମରେ ଚିନ୍ତାକଲେ ମୋଦିଙ୍କ ପୁରୀରୁ ଲୋକସଭା ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱୀତା କରିବା ଏକ ବିରାଟ ବଡ଼ ଘଟଣା ନହୋଇପାରେ। ରାଜ୍ୟ ସଭା ଉପାଧ୍ୟକ୍ଷ ପଦ ପାଇଁ ବିଜେଡ଼ିର ପ୍ରସନ୍ନ ଆଚାର୍ଯ୍ୟଙ୍କ ନାମ ବି ଶୁଣାଯାଉଥିଲା, ନବୀନ ବାବୁଙ୍କ ଦିଲ୍ଲୀର ପ୍ରଭାବ ଓ ମୋଦି-ଶାହାଙ୍କ ସହ ତାଙ୍କ ସୁସମ୍ପର୍କ ଯାହା ସେ ଚାହିଁଥିଲେ ଏହି ପଦ ନିଶ୍ଚିନ୍ତ ଭାବେ ପ୍ରସନ୍ନ ବାବୁଙ୍କୁ ମିଳିପାରିଥାନ୍ତା। ନିର୍ବାଚନ ପରେ ଧର୍ମେନ୍ଦ୍ର ବାବୁ ରାଜନୈତିକ ଗୁଗ୍‌ଲି ଛାଡ଼ି ବିଜେଡ଼ି ଉପାଧ୍ୟକ୍ଷ ପଦ ହାତଛଡ଼ା କଲା ବୋଲି ଖୋଲା ମନ୍ତବ୍ୟ ରଖିଥିଲେ। କଂଗ୍ରେସ ଓ ବିଜେପି ଠାରୁ ସମ ଦୂରତାର ନାରା ଦେଉଥିବା ବିଜେଡ଼ିର ଭିତିରି ସମ୍ପର୍କକୁ ନେଇ ଅନେକ କଥା ଉଠୁଛି ମଧ୍ୟ। ବିଜେଡ଼ି-ବିଜେପି ଭିତରେ କିଛି ଅଛି କି ? ହଁ.....ହଁ....ହଁ.... ଉତ୍ତର ଆଉ ବେଶି ସମୟ ପର୍ଯ୍ୟନ୍ତ ନୁହେଁ। ସହୃଦୟ ପାଠକଙ୍କ ପାଇଁ ଶୀଘ୍ର ଏହାର ଜବାବ ବି ମିଳିଯିବ।

*ପୁରୁଣା ସୋନାରୀ, ଜାମସେଦପୁର*
*ମୋ : ୭୪୮୮୯୯୮୫୩୨*

# ଓକିଲଙ୍କ ଫିସ୍ ନିୟନ୍ତ୍ରଣ ପ୍ରସ୍ତାବ



ଯୁଧିଷ୍ଠିର ମହାରଣା

ଓକିଲଙ୍କ ଫିସ୍ କେତେ ହେବ ତାହା ନିୟନ୍ତ୍ରଣ କରିବା ଲାଗି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଥିବାରୁ ଜଣାପଡୁଛି ଯେ ଭଲ ଓକିଲମାନେ ଖୁବ୍ ଚଢ଼ା ହାରରେ ଫିସ୍ ନେଉଥିବା ସର୍ବୋଚ୍ଚସ୍ତରରେ ଆଲୋଚିତ ହେଉଛି। କେସ ଲଢୁଥିବା ଲୋକଙ୍କ ଠାରୁ ଖୁବ୍ ଅଧିକ ଓକିଲ ଫିସ୍ ଦାବି କରାଯାଉଥିବା ଯୋଗୁଁ କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋର୍ଟଙ୍କର ମତ ହେଲା ଆଇନ ବୃତ୍ତିର କ୍ରମବର୍ଦ୍ଧିଷ୍ଣୁ ବ୍ୟବସାୟିକରଣ ଦ୍ୱାରା ଗରିବ ଲୋକେ ନ୍ୟାୟ ପ୍ରଦାନ ବ୍ୟବସ୍ଥା ବାହାରକୁ ଠେଲି ହୋଇ ଚାଲିଯିବେ। ସର୍ବୋଚ୍ଚ ନ୍ୟାୟାଳୟ ଇଚ୍ଛା ପ୍ରକାଶ କରିଛନ୍ତି ଯେ ସରକାର ଓକିଲ ଫିସ୍‌ର ସର୍ବନିମ୍ନ ଓ ସର୍ବୋଚ୍ଚ ସୀମା ଧାର୍ଯ୍ୟ କରନ୍ତୁ। ଯଦ୍ୱାରା ଗରିବ ଲୋକେ ବଡ଼ ଓକିଲ ମାନଙ୍କ ଠାରୁ ଆଇନ ସହାୟତା ପାଇପାରିବେ ଏବଂ ସେମାନଙ୍କର ସମାନ ନ୍ୟାୟ ପାଇବା ଅଧିକାର ଉଲ୍ଲଘଂନ କରାଯିବ ନାହିଁ। ସରକାରୀ ହାସ୍‌ପାତାଳ ଗୁଡ଼ିକରେ ଯେପରି ସମସ୍ତଙ୍କୁ ସୁବିଧା ମିଳୁଛି ସେହିଭଳି ଆଇନ ସେବା ଆବଶ୍ୟକ ଥିବା ଲୋକଙ୍କ ପାଇଁ ଓକିଲାତି ସୁବିଧା ଯୋଗାଇ ଦିଆଯିବା ଉଚିତ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଚାହିଁଛନ୍ତି। ଆଇନ କମିଶନ ମଧ୍ୟ ଓକିଲ ଫିସ୍ ନିୟନ୍ତ୍ରଣ ପାଇଁ ପ୍ରସ୍ତାବ ଦେଇଛନ୍ତି। ଯଦିଓ କୋର୍ଟ ଓ ଆଇନ କମିଶନଙ୍କ ଉଦବେଗ ସହ ଅଧିକାଂଶ ଏକମତ ହେବେ ତଥାପି ସେମାନଙ୍କ ପ୍ରସ୍ତାବକୁ କେତେଦୂର କାର୍ଯ୍ୟକାରୀ କରିହେବ ତାହା ଏକ ପ୍ରଶ୍ନ। ଆଇନ କରି ଓକିଲଙ୍କ ଫିସ୍ ନିୟନ୍ତ୍ରଣ କରିବା ସମ୍ଭବ ନହୋଇପାରେ।

ତଳକୋର୍ଟ ସ୍ତରରୁ ଉପର କୋର୍ଟ ଯାଏଁ ଯେତେ ସଂଖ୍ୟକ ଓକିଲ ଅଛନ୍ତି ସେମାନେ ସମସ୍ତେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନୁହଁନ୍ତି। ଏହା ଏକ ଘରୋଇ ବୃତ୍ତି ହୋଇଥିବାରୁ ବ୍ୟବସାୟ ଭଳି ଗରାଖ ନ ଆସିଲେ ସେମାନଙ୍କର ଆୟ ବଢ଼ିବା କଷ୍ଟକର। ତଳକୋର୍ଟ ଗୁଡ଼ିକରେ ଦେଖାଯାଏ ଯେ ଓକିଲାତି ପେଶାରେ ବହୁ ଲୋକ ଥିଲେ ବି ସେମାନଙ୍କୁ ଆବଶ୍ୟକ ସଂଖ୍ୟକ କେଶ ମିଳେ ନାହିଁ। କିନ୍ତୁ ଯେଉଁମାନେ ସଫଳ ଓକିଲ ସେମାନଙ୍କର ଫିସ୍ ଯଥେଷ୍ଟ ବେଶୀ। ସର୍ବୋଚ୍ଚ ନ୍ୟାୟାଳୟ ଏହି ଦିଗ ଉପରେ ଆଲୋକପାତ କରିଛନ୍ତି। ସୁପ୍ରିମକୋର୍ଟ ବା ହାଇକୋର୍ଟଗୁଡ଼ିକରେ ନାମି ଓକିଲମାନଙ୍କର ଫିସ୍ ଏତେ ଅଧିକ ଯେ ମଧ୍ୟବିତ୍ତଶ୍ରେଣୀ ବା ଆପାତତଃ ଧନୀ କୁହାଯାଉଥିବା ଲୋକେ ସେପରି ଓକିଲଙ୍କୁ ନିୟୋଜିତ କରିବା କଷ୍ଟକର। ଅନେକ ଓକିଲ ଅଛନ୍ତି ଯେଉଁମାନେ ଥରେ କୋର୍ଟରେ ହାଜର ହେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଫିସ ନିଅନ୍ତି। ଅବଶ୍ୟ ଅନେକ କ୍ଷେତ୍ରରେ କୋର୍ଟ ନେଇ ଓ ଗରାଖ ଅନୁସାରେ ଫିସ୍ ଧାର୍ଯ୍ୟ କରାଯାଏ। ତାସତ୍ତ୍ୱେ ସବୁ ବୃତ୍ତି ପରି ଭଲ ଓକିଲଙ୍କର ଫିସ ଅଧିକ। ଯୁକ୍ତି ହେଉଛି ସାଧାରଣ ଲୋକଙ୍କ ପାଇଁ କେତେକ କ୍ଷେତ୍ରରେ ଦକ୍ଷ ଓକିଲ ନିୟୋଜିତ କରାଯିବା ଆବଶ୍ୟକ ହେଲେ ବି ଅଧିକ ଫିସ୍ କାରଣରୁ ତାହା ସମ୍ଭବ ହେଉନାହିଁ। ସର୍ବୋଚ୍ଚ ନ୍ୟାୟାଳୟ ସର୍ବୋଚ୍ଚ ନ୍ୟାୟାୟଳୟଙ୍କର ଚିନ୍ତା ଏହି ସମସ୍ୟା ଉପରେ ଆଧାରିତ। କିନ୍ତୁ ଆଇନ ଅନୁସାରେ ଓକିଲ ଫିସ୍ ନିୟନ୍ତ୍ରଣ କରିହେବ କି ନା ତାହା ସନ୍ଦେହର ବିଷୟ। ଅନେକ ଓକିଲ ଯୁକ୍ତି କରିବେ ଯେ ସେମାନେ ନିଜ ସେବା ପାଇଁ ନିଜ ପସନ୍ଦ ଅନୁସାରେ ଫିସ୍ ମାଗିପାରିବେ। ଅନ୍ୟ ବୃତ୍ତିରେ ଫିସ ବା ସେବାର ମୂଲ୍ୟ ଉପରେ ସର୍ବୋଚ୍ଚ ସୀମା ଧାର୍ଯ୍ୟ କରାଯାଇନଥିବାବେଳେ ଓକିଲାତି କ୍ଷେତ୍ରରେ ତାହା କିପରି ହେବ। ଏପରିକି କୋର୍ଟ ଉଲ୍ଲେଖ କରିଥିବା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଡାକ୍ତରଙ୍କ ଫିସ ନିୟନ୍ତ୍ରିତ ହେଉନାହିଁ। ଅଥଚ ସମସ୍ତଙ୍କୁ ସୁଲଭ ମୂଲ୍ୟରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିତ୍ୟାନ୍ତ ଆବଶ୍ୟକ। ଯାହା ଆଇନ ସହାୟତା ଠାରୁ ଯଥେଷ୍ଟ ଅଧିକ ଗୁରୁତ୍ୱପୂର୍ଣ୍ଣ। ସରକାରୀ ହସ୍ପିଟାଲ ପରି ଓକିଲ କ୍ଲିନିକ୍ ବସାଗଲେ ତଦ୍ୱାରା ଉଦ୍ଦେଶ୍ୟ ସାଧିତ ହେବ କି। ଅନେକ ସମୟରେ ଓକିଲ ଦେଇପାରୁନଥିବା କେଶ ଜଡ଼ିତ ବ୍ୟକ୍ତିଙ୍କୁ ସରକାରୀ ସହାୟତାରେ ଓକିଲ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ତଦ୍ୱାରା ସେପରି କିଛି ଲାଭ ହୁଏନାହିଁ। ଅନ୍ୟ ପେଶା ପରି ଓକିଲାତି ବି ବଜାର ନିୟମ ଅନୁସାରେ ପ୍ରଭାବିତ ହେଉଛି। ୨୦୧୩ରେ ସୁପ୍ରିମକୋର୍ଟ ପ୍ରଣୟନ କରିଥିବା ନିୟମ ଅନୁସାରେ ଗୋଟିଏ ଶୁଣାଣି ପାଇଁ ୮ ହଜାର ଟଙ୍କାର ଫିସ୍ ଜୀମା ରଖାଯାଇଥିଲା। କିନ୍ତୁ ତାକୁ କୌଣସି ଓକିଲ ମାନୁଛନ୍ତି କି ନା ସନ୍ଦେହର ବିଷୟ। ଓକିଲାତି ପେଶା ଆଇନର ତର୍ଜମା ଉପରେ ପର୍ଯ୍ୟବେଶିତ। ଓକିଲମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଉଦ୍ୟମ କଲେ ସେମାନେ ସେଥିରୁ ଖସିବା ପାଇଁ ବାଟ ବାହାର କରିବା ସ୍ୱାଭାବିକ। ତଥାପି ସର୍ବୋଚ୍ଚ ନ୍ୟାୟାଳୟ ଓକିଲ ଫିସ୍ ପ୍ରସଙ୍ଗଟିକୁ ଉତ୍‌ଥାପନ କରିଥିବାରୁ ତାର ସବୁଦିଗ ନେଇ ବିଶ୍ଲେଷଣ କରାଯିବା ଠିକ୍ ହେବ।

*ଆଡ଼ଭୋଟେ*
*ଓଡ଼ିଶା ହାଇକୋର୍ଟ, କଟକ*
*ମୋ : ୯୪୩୭୧୬୩୫୨୮*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୨୬

*"ଜୀବନ ସଫଳ ଅଟଇ ମୋହର ବର କରି ପାଇଅଛି।*
*ପତି ଅଟ ତୁମ୍ଭେ ପତ୍ନୀ ଅଟୁ ଆମ୍ଭେ ପୂର୍ବୁ ବିଧାତା ଲିହିଛି ॥"*

ପରଦିନ ପ୍ରଭାତରେ ହାଡ଼ିପା ଶଯ୍ୟା ତ୍ୟାଗ କରି ସ୍ନାନକର୍ମ ସାରିଲେ। ଧ୍ୟାନରତ ଗୋବିନ୍ଦଙ୍କୁ ଡାକି ରମ୍ଭାବେଶ୍ୟା ଅନ୍ତଃପୁରରେ ପହଞ୍ଚିଲେ। ଆସନ ଗ୍ରହଣ କରିବା ପରେ ଗୋବିନ୍ଦଙ୍କ ମୁଖକୁ ଚାହିଁ କହିଲେ-ବତ୍ସ ଗୋବିନ୍ଦ,ଏଇ ମହନୀୟା ନାରୀ ହେଉଛନ୍ତି ଆମ୍ଭର ଜଣେ ଶିଷ୍ୟା। ତାଙ୍କ ନାମ ବନଚାରୀ। ଆମ୍ଭେ ଶିବପୁରରେ ତପସ୍ୟା ସାରି ଫେରିବା ପର୍ଯ୍ୟନ୍ତ ତୁମ୍ଭେ ବନଚାରୀଙ୍କ ଗୃହରେ ବାସ କରି ଧ୍ୟାନଯୋଗରେ ପାରଙ୍ଗମ ହୁଅ! ବନଚାରୀଙ୍କ ସେବାରେ ବ୍ରତୀ ରହି ଜୀବନକୁ ଧନ୍ୟ କର! ମନେରଖ ଗୋବିନ୍ଦ,ଚାହାଣିରେ ରହିଛି ଶାଶ୍ୱତ ଆନନ୍ଦ ପୁଣି ମାୟାଭ୍ରମର ନିରାନନ୍ଦ! ଦର୍ଶନରେ ଭକ୍ତିଭାବ ଯେତିକି ବୃଦ୍ଧି ପାଇବ କାମନା ସେତିକି ଦୂରେଇ ଯିବ। ଏକାକୀ କାଳରେ ତୁମ ମନ ଓ ନେତ୍ର ତୁମ ପାପ ପୁଣ୍ୟର ବିଚାରକ ଭାବେ ରହିଛନ୍ତି! ମାୟା ନିର୍ମାୟା ଭେଦରେ ଯୋଗ ସାଧ। ଭଗବାନ ମହାଦେବ ଅବଶ୍ୟ ତୁମ ଯୋଗପଥରେ ସହାୟକ ହେବେ! ଗୋବିନ୍ଦଙ୍କୁ ଏପରି ପରାମର୍ଶ ଦେଇ ହାଡ଼ିପା ବିଦାୟ ନେଲେ।

ଗୁରୁ ହାଡ଼ିପା ଚାଲିଯିବା ପରେ ବନଚାରୀ ପ୍ରେମ ଗଦଗଦ୍ ଚିତ୍ତରେ ଗୋବିନ୍ଦଙ୍କ ବାହୁ ଭିଡ଼ି ଶୟନକକ୍ଷକୁ ଟାଣି ନେଲେ। ପଲଙ୍କରେ ବସାଇ କାମ କଟାକ୍ଷରେ ଗୋବିନ୍ଦଙ୍କ ମୁଖକୁ ବାରମ୍ବାର ଚାହିଁଲେ। ବଦନକୁ ସାଉଁଳି ଦେଇ କହିଲେ,ହେ'ରାଜପୁତ୍ର, ସୁଠାମ,ସୁକୋମଳ ବାହୁଧାରୀ ଯୁବରାଜ ହୋଇ ଏଇ ପାଗଳାଟା ସାଙ୍ଗରେ କେମିତି ପଡ଼ିଗଲ! ଗୋଟାଏ ଡାହା ମିଛୁଆ ଲୋକ ହାବୁଡ଼ରେ ପଡ଼ି ଜୀବନକୁ ତେକ୍ତ କରିବା ଠିକ୍ ନୁହେଁ ରାଜପୁତ୍ର। ମୁଁ ବି ଦିନେ ତାଙ୍କର ଶିଷ୍ୟା ଥିଲି। ତାଙ୍କ ପାଗଳପଣ ଦେଖି ଛାଡ଼ି ଚାଲି ଆସିଲି। ବୁଢ଼ା ବୟସର ଲୋକ ହୋଇ ମୋର ସତୀତ୍ୱ ହରଣ କରିବା ଉଦ୍ୟମ କରୁଥିଲେ। ମୋର ସୁନ୍ଦର ରୂପକୁ ଦେଖି ପିଛା ଛାଡ଼ିଲେ ନାହିଁ। ଦିନେ ମୋର ବକ୍ଷୋଜରେ ହସ୍ତ ଚାପ ଦେଇ କୁଣ୍ଢାଇ ଧରିଲେ। ବୁଢ଼ାଟା ଯୌନକାମନା ଉଦ୍ଦେଶ୍ୟରେ ଶିଷ୍ୟା କରିଥିଲା ଜାଣିବା ପରେ ସେଇ ରାତ୍ରିବେଳାରେ ତାଙ୍କୁ ତ୍ୟାଗ କରି ଚାଲି ଆସିଲି। ଶୁଣ ଯୁବରାଜ, ତୁମ କ୍ଷେତ୍ରରେ ମୋର ଏତେଟା ବାରଣ ନାହିଁ। ସମବୟସୀ ହେଲେ ମନ ସହଜରେ ତରଳି ଯାଏ! ତୁମକୁ ଦେଖିବା ବେଳୁ ମୋ ମନର ବାଡ଼ ବନ୍ଧ ସବୁ ଭାଙ୍ଗି ଯାଇଛି। ତୁମେ ତାଙ୍କୁ ଛାଡ଼ି ଚାଲିଆସ। କିଛି ଭୟ କର ନାହିଁ। ସେ ତୁମର କିଛି ବିଗାଡ଼ି ପାରିବ ନାହିଁ! ମୋର ରୂପଯୌବନକୁ ପ୍ରେମଶାଣିତ ନେତ୍ରରେ ଦେଖ ଯୁବରାଜ। ଏଇଠାରେ ଆମ୍ଭେ ଦୁହେଁ ପତିପତ୍ନୀ ଭାବ ନେଇ ଜୀବନ ବିତାଇବା। ମୋ ହଂସପୁରରେ ତୁମେ ସେଇ ପ୍ରତୀକ୍ଷିତ ରାଜକୁମାର ଯାହାଙ୍କର ବାଟ ଚାହିଁ ଦିନ ଗଣୁଥିଲି! ତୁମେ ମୋର ସେବକ ନୁହେଁ ମୁଁ ତୁମର ଦାସୀ ଭଳି ସେବା କରିବି। ଆଜ ଦିବସରୁ ମନ,ଯୌବନ ତୁମରି ଚରଣରେ ସମର୍ପଣ କରି ଦେଉଛି!

ବନଚାରୀଙ୍କ ମୁଖରୁ ଏପରି ବାଣୀ ଶ୍ରବଣ କରି ଗୋବିନ୍ଦ ହତବାକ୍ ହୋଇ ପଡ଼ିଲେ! ସେ ଚକିତ ନୟନରେ ବନଚାରୀଙ୍କ ମୁଖକୁ ଚାହିଁ କକ୍ଷ ତ୍ୟାଗ କରି ଚାଲିଗଲେ। କକ୍ଷର ଦ୍ୱାରରେ ରହି ଲାଉତୁମ୍ବ ଧରି ଡାକିଲେ-ମା'ଗଣ୍ଡେ ଭିକ୍ଷା ଦିଅ! ଭୋକିଲା ପେଟକୁ କିଛି ଦାନା ଅର୍ପଣ କର ମାତ! ବନଚାରୀ ଗୋବିନ୍ଦଙ୍କ ଗୁରୁଭକ୍ତି ଦେଖି କିଛି ତଣ୍ଡୁଳ,ଫଳମୂଳ ଦେଲେ। ଗୃହର ବାହାରେ ଚୁଲି ଖୋଳି ଗୋବିନ୍ଦ ଅନ୍ନ ପାକ କଲେ। ଗୁରୁଙ୍କୁ ଅର୍ପଣ କରି ସେଇ ପ୍ରସାଦ ଭକ୍ଷଣ କଲେ। ଦିବସ ପରେ ରାତ୍ର ଆରମ୍ଭ ହେଲା। ରାତ୍ର ଦ୍ୱିପ୍ରହର ବେଳାରେ ବନଚାରୀ ସୁଗନ୍ଧିତ ପୁଷ୍ପରେ ଶୟନକକ୍ଷ ସଜାଇ ଗୋବିନ୍ଦଙ୍କୁ ଖୋଜିବାକୁ ଲାଗିଲେ। ବାସଭବନ ବାହାରେ ଥିବା ଆମ୍ରବୃକ୍ଷ ବଣରେ ଗୋବିନ୍ଦ ଧ୍ୟାନ ରତ ଥିଲେ। ଦାସୀମାନଙ୍କ ମୁଖରୁ ସମ୍ବାଦ ପାଇ ବନଚାରୀ ସେଇ ବଣରେ ଯାଇ ପହଞ୍ଚିଲେ। ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀର ଶୀତଳ ଚନ୍ଦ୍ରକିରଣର ଛାଇ ଛାଇଆ ଆଲୋକରେ ଦେଖିଲେ ଗୋବିନ୍ଦ ନିଶ୍ଚଳ ଧ୍ୟାନରେ ବସିଛନ୍ତି! ଗୋବିନ୍ଦଙ୍କ ପାଖରେ ବହୁ ସମୟ ବସିବା ପରେ ନିରବତା ଦେଖି ବିସ୍ମୟ ପ୍ରକାଶ କଲେ। ଗୋବିନ୍ଦଙ୍କ ବାହୁ ଧରି ହଲାଇ ଦେଲେ। କହିଲେ,ହେ'ରାଜକୁମାର,ତୁମେ ଏଠାରେ କ'ଣ କରୁଛ ? ସେଇ ପାଗଳ ବୁଢ଼ାଟା ସାଙ୍ଗରେ ପଡ଼ି ତୁମେ ପାଗଳ ହୋଇ ଗଲଣି ନା କ'ଣ ? ସିଏ ବାଇୟାଟା ତୁମକୁ କୋଉ ମୋକ୍ଷପଥରେ ନେଇ ଯିବ ବୋଲି ତୁମକୁ ଭରସା ଦେଇଛି କହିଲ ? ଏବେ ପୁରକୁ ଚାଲ। ଏ ବଣରେ ହିଂସ୍ର ଜନ୍ତୁ ରହୁଛନ୍ତି। ଏପରି କହି ବନଚାରୀ ଗୋବିନ୍ଦଙ୍କ ଦୁଇ ବାହୁ ଧରି ଉଠାଇ ଦେଲେ। ବାସଭବନରେ ପହଞ୍ଚି ଶୟନକକ୍ଷରେ ଗୋବିନ୍ଦଙ୍କୁ ବସାଇଲେ। ଅର୍ଦ୍ଧ ଉଲଗ୍ନ ଦେହର ଅଙ୍ଗଭଙ୍ଗୀ ଦେଖାଇ ଅଭିମାନ ସ୍ୱରରେ କହିଲେ, ସତରେ ଗୋବିନ୍ଦ, ତୁମେ ଜଣେ ପାଗଳ ବ୍ରହ୍ମଚାରୀ! ତୁମକୁ ବୋଧହୁଏ ତୁମ ଗୁରୁଙ୍କ ଗୁପ୍ତ କଥା କିଛି ଜଣା ନାହିଁ। ତୁମ ଗୁରୁ କୈଳାସଧାମ ଯାଉଛନ୍ତି କହି କେଉଁ କର୍ମରେ ଯାଇଛନ୍ତି ତୁମେ ଜାଣିଛ ? ଜଣେ ସୁନ୍ଦରୀ ବେଶ୍ୟା ତାଙ୍କୁ ପାଗଳ କରି ଦେଇଛି। ସେଇ ବେଶ୍ୟାର ରାତିକ ମୂଲ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା! ମୋଠାରୁ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ନେଇ ତୁମକୁ ବନ୍ଧକ ରଖି ଯାଇଛନ୍ତି। ସେ ଆଉ ଫେରିବେ କିମ୍ବା ନ ଫେରିବେ ଜଣା ନାହିଁ। ଏବେ ବୁଢ଼ାର ସଉକ ମତିଗତିକୁ ଠିକ୍ ଭାବରେ ବୁଝିଲ ତ ? ତେଣେ ବ୍ୟୟବହୁଳ ବେଶ୍ୟା ସଙ୍ଗ କରି ଏଣେ ତୁମ ପାଖରେ ଗୁରୁ ବୋଲାଉଛି। ଛି..ଛି... ପୁଣି ନିଜର ପିଲାଛୁଆ ସଂସାର ଥାଇ ଏପରି କଥା! ତୁମ ଚକ୍ଷୁରେ ସେ ଅନ୍ଧପୁଟୁଳି ବାନ୍ଧି ଖେଳ ଆରମ୍ଭ କରିଛି,ତୁମେ ବି ଅନ୍ଧ ହୋଇଯାଇଛ। କିନ୍ତୁ ମୁଁ ତୁମକୁ ଭଲପାଏ ରାଜକୁମାର। ତୁମକୁ ଦେହଦାନ କରିବାରେ ମୋର ଦ୍ୱିଧାବୋଧ ନାହିଁ। ଆମେ ପତି ପତ୍ନୀ ଭାବରେ ଜୀବନ ବିତାଇବା ନିମନ୍ତେ ବିଧାତା ପୁରୁଷ ପୂର୍ବରୁ କପାଳରେ ଲେଖି ଦେଇଛି। ଆସ ରାଜକୁମାର,ଏଇ ନିଶାର୍ଦ୍ଧରେ ତୁମଦେହକୁ ମୋ ଦେହରେ ମିଶାଇ ଦିଅ,ଦେଖିବ ରତିକ୍ରିୟାରେ କେତେ ଆନନ୍ଦ ରହିଛି!! ହରି ଓଁ ତତସତ୍!

*ଦୂରଭାଷ-୯୬୬୮୬୩୧୨୫୭*

# ପିଲାଙ୍କ ଦୁନିଆ





ଅଭିଷେକ ନାୟକ
ଷ୍ଟାଣ୍ଡାର୍ଡ - ୭
ବିଜେଇଏମ୍ ସ୍କୁଲ - ୨
ଭୁବନେଶ୍ୱର





ଆଦିତ୍ୟ ମିଶ୍ର
ଷ୍ଟାଣ୍ଡାର୍ଡ - ୯
ରାୟନ ସ୍କୁଲ,କାନ୍ଦିଭିଲି, ମୁମ୍ବାଇ

# ପ୍ରୀତି ମନ୍ଥନ



ବିକେଶ ସାହୁ

ମୋ ହୃଦୟ ବେଳାଭୂମିରେ
ଆଜିବି ଠିଆ ହେଇଛି
ଆମ ଦରଭଙ୍ଗା ପ୍ରୀତି ବାଲି ଘର
ନା ତାକୁ ଧୋଇନେଇଛି ସାଗର
ନା ଉଡେଇ ନେଇଛି ମରୁତ
ନା କିଏ ଥାପିନି ତ ପାଦ
ଆଜି ବି ତ ଠିକ ସେମିତି
ଠିଆ ହେଇଛି ସେ
ଯେମିତି ଆମେ ଗଢ଼ିଥିଲେ
ପ୍ରତିଟି ବାଲୁକା ରେଣୁରେ
ବିଶ୍ୱାସ ଆଉ ଭରସାର ଆସ୍ତରଣ ଦେଇ।
କିନ୍ତୁ
ଆଜି ତ ଭୁଷୁଡି ପଡିଛି ସେଇ ବିଶ୍ୱାସ
ହରାଇ ସାରିଛି ସେ ଭରସା
ରହି ଯାଇଛି କୋଉ ଗୋଟେ ଅତୀତ ପୃଷ୍ଠାରେ
କ୍ଷୁଦ୍ର ଏକ ସ୍ମୃତି ସାଜି
ରହିଥିବ ମଧ୍ୟ ଠିକ ସେମିତି
ଯେମିତି ଥିଲେ ଆଉ ରହିଛି।
ତଥାପି ଆଜି କାଇଁ ମୋ ହୃଦୟ ସାଗରରେ
ଆରମ୍ଭ ହୋଇ ସାରିଛି ଗୋଟେ ମନ୍ଥନ
ଠିକ ଦେବାସୁର ପରି
ଅତୀତ ଆଉ ବର୍ତ୍ତମାନର ମଧ୍ୟରେ
ସମୟର ବସୁକିରେ ସ୍ମୃତିର ମନ୍ଦର ପର୍ବତେ
ଅମୃତ ନିର୍ଯ୍ୟାସର ଆଶା ନେଇ
ପିଇ ଚାଲିଛି ବିଷ ତକ
ନୀଳକଣ୍ଠ ନିଜକୁ ସଜେଇ।

*ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ*
*ଖଡିଆଳ*

# ମା' ସିଂହବାହିନୀ

ବର୍ଷାର ବିଦାୟେ ଆସିଛି ଶରତ କେତେ ରୂପ ରଙ୍ଗ ନେଇ
ଶୁଭ୍ରବସ୍ତ୍ର ପରିହୀତା କାଶତଣ୍ଡି ହସେ ଖିଲିଖିଲି ହୋଇ।
ଆର୍ବିଭାବ ହୁଅ ଧରାପୃଷ୍ଠେ ମା' ତୁମ ମନ୍ତ୍ର ଆବାହନେ
ଆସିବା ପଥକୁ ଚାହିଁ ରହିଛନ୍ତି ସଂସାରର ସର୍ବଜନେ।





ଅମ୍ବିକା ସ୍ୱାଇଁ

ଆସ ଆସ ମା' ଧରାକୁ ଓହ୍ଲାଇ ସିଂହପୃଷ୍ଠେ ହସି ହସି
ଜଗତ ଯନ୍ତ୍ରଣା ହରିନିଅ ମା' ମହିଷାକୁ ବଧ କରି
ଅସୁର ବିନାଶେ ଶାନ୍ତି ବିରାଜିବ ହିଂସାରୁ ମିଳିବ ମୁକ୍ତି
ହିଂସା, ବିଦ୍ୱେଷ ଦୂର ହୋଇଯିବ ତୁମରି ଦର୍ଶନ କରି।

*ଭୁବନେଶ୍ୱର*
*ମୋ : ୯୭୭୭୫୯୯୬୯୫*

# ପୂର୍ଣ୍ଣାହୁତି



ଡ. ନୀତା ବହିଦାର

ନୀଳନିର୍ଜନ ପ୍ରବାଳଦ୍ୱୀପର
ନିଃଶବ୍ଦ ହୃଦୟ ତଳେ
କେବେଠାରୁ ନିରୁଦ୍ଦିଷ୍ଟ ସେଇ
ନୀଳବର୍ଣ୍ଣା ନୀଳବୈଦୁର୍ଯ୍ୟ ମଣି।
କାହିଁକି କେଜାଣି
ବାରମ୍ବାର ହାତଠାରି ଡାକୁଥାଅ -
ପାଖକୁ ପାଖକୁ ଆକର୍ଷିତ କରେ -
ଦିନ ପରେ ଦିନ, ମୁହୂର୍ତ୍ତମୁହୂର୍ତ୍ତ
ବାରମ୍ବାର ଏମିତି ସମ୍ମୋହିତ କରେ।

ସେତେବେଳେ ମନେହୁଏ
ମୋ ପ୍ରସାରିତ ଆଲିଙ୍ଗନର
ବ୍ୟାକୁଳ ପରିଧି ଭିତରେ
ବନ୍ଦୀ କରିଦେବି, ଜନ୍ମ ପରେ ଜନ୍ମ -
ସେଇ ଅଜ୍ଞାତ ନୀଳଜ୍ୟୋତି
ନୀଳଲୋହିତ ପୀତ ସ୍ନିଗ୍ଧ ତରଙ୍ଗ
ମୁଠାମୁଠା ବିଞ୍ଚିଦେବି
ବିସ୍ତାରିତ ଅଣୁରେ ଅଣୁରେ -
ନିର୍ଜନ ନିଃଶବ୍ଦ ସେଇ ପ୍ରବାଳଦ୍ୱୀପର
ନୀଳନୀଳ ପୃଷ୍ଠାରେ ପୃଷ୍ଠାରେ
ଲେଖିଦେବି
ଭିନ୍ନ ଜୀବନ କାବ୍ୟ
ଚିତ୍ରିତ କରିବି
ଭିନ୍ନ ଏକ ଅନନ୍ୟ ପୃଥିବୀ।



କିନ୍ତୁ, ପ୍ରସାରିତ ମୋ ଆଲିଙ୍ଗନ
ଅପହଞ୍ଚ ରହିଯାଏ -
ନୀଳନିର୍ଜନ ଦ୍ୱୀପ ଅଧିକ ନିର୍ଜନ ହୁଏ।
ମୋ ଆଲିଙ୍ଗନର
ସୀମା ସେପାରିରେ -
ଅଜ୍ଞାତ ଅସୀମ ତରଙ୍ଗ -
ନୀଳଘନ,
ଅଧିକ ରହସ୍ୟମୟ ହୁଏ
ଅପହଞ୍ଚ ରହିଯାଏ।

ତଥାପି ଏ ଯଜ୍ଞର ଶେଷ ନାହିଁ।
ଏ ଅଭୀପ୍ସାର
କ୍ଳାନ୍ତି କାହିଁ ?
ନିତ୍ୟପ୍ରସାରିତ ଏ ଆଲିଙ୍ଗନ
ଲକ୍ଷ୍ୟ ଅଲକ୍ଷ୍ୟରେ,
ଜ୍ଞାତ ଅଜ୍ଞାତରେ
ବାରମ୍ବାର ସ୍ପର୍ଶକରେ -
ନୀଳବୈଦୁର୍ଯ୍ୟମଣିର
ବହ୍ନିମାନ ଯଜ୍ଞବେଦୀ
ପ୍ରବାଳଦ୍ୱୀପର ନିସ୍ତରଙ୍ଗ ହୃଦୟ ତଳେ
ପ୍ରଜ୍ଜ୍ୱଳିତ ଅନିର୍ବାଣ
ନୀଳଜ୍ୟୋତି, ପୂର୍ଣ୍ଣତାର ପୂର୍ଣ୍ଣାହୂତି।

*ବଲାଙ୍ଗୀର*
*୯୮୬୧୧୨୦୭୨୩*

# ଜଗଜ୍ଜନନୀ ମା' ଦୁର୍ଗା



## ଅମିନୀଲୁ ରାୟ

*ଚଣ୍ଡୀ ପୁରାଣରେ ବର୍ଣ୍ଣିତ -*

"ଦୃଶ୍ୟନ୍ତେ ରଥମାରୁଢା ଦେବ୍ୟଃ କ୍ରୋଧ ସମାକୁଳାଃ
ଶଙ୍ଖମ୍ ଚକ୍ରଂ ଗଦାଂ ଶକ୍ତିଂ ହଳଂକ ମୁଷଳାୟୁଧମ୍" ॥

ପୌରାଣିକ କଥାବସ୍ତୁ ଅନୁଯାୟୀ – ଗିରିରାଜ ହିମାଳୟଙ୍କ କନ୍ୟା ଉମା ଆଶ୍ୱିନ ମାସ ଶୁକ୍ଳପକ୍ଷରେ ସ୍ୱାମୀ ଶିବଙ୍କ ନିବାସ କୈଳାସ ପର୍ବତରୁ ପିତୃ ଗୃହକୁ ଯେତେବେଳେ ଆଗମନ କରନ୍ତି , ଠିକ୍ ସେତିକିବେଳେ ଧରାପୃଷ୍ଠରେ ଭରିଉଠେ ସବୁଜ ଶସ୍ୟ ସମ୍ଭାର । କଲ୍ଲୋଳିନୀ ଓ ନିର୍ଝର ତଥା ଜଳାଶୟସବୁ ସ୍ୱଚ୍ଛ ନିର୍ମଳ ଜଳ ବହନ କରନ୍ତି । ମେଘମୁକ୍ତ ଆକାଶରେ ଶରତ୍‌ଚନ୍ଦ୍ର ସୁନିର୍ମଳ ଶୀତଳ ଜ୍ୟୋତ୍ସ୍ନା ବିକିରଣ କରନ୍ତି । ଫଳରେ ହସିଉଠେ ଶରତ୍ ପ୍ରକୃତି । ଧରାପୃଷ୍ଠକୁ ଜଗଜ୍ଜନନୀଙ୍କର ଶୁଭାଗମନରେ ଜଗତ୍‌ବାସୀ ତାଙ୍କ ପାଇଁ ମହାପୂଜାର ଆୟୋଜନ କରନ୍ତି । ତାକୁ ହିଁ "ଦୁର୍ଗାପୂଜା" କହନ୍ତି । ଶକ୍ତିରୁପିଣୀ ଦେବୀ ଜଗତ୍‌ବାସୀଙ୍କଠାରୁ ପୂଜା ଗ୍ରହଣ କରି ବିଜୟା ଦଶମୀରେ ପିତ୍ରାଳୟକୁ ପ୍ରତ୍ୟାଗମନ କରନ୍ତି ।

"ଖେଟକଂ ତୋମରଂ ଚୈବ ପରଶୁଂ ପାଶମେବଚ
କୁନ୍ତାୟୁଧଂ ତ୍ରିଶୂଳଂ ଚ ଶାର୍ଙ୍ଗମାୟୁଧ ମୁତ୍ତମମ୍" ॥

ପୁନଶ୍ଚ ତ୍ରେତୟା ଯୁଗ କଥା ସ୍ମରଣ କଲେ ଜଣାଯାଏ – ରଘୁକୁଳ ଶ୍ରେଷ୍ଠ ପ୍ରଭୂ ରାମଚନ୍ଦ୍ର ଲଙ୍କାପତି ରାବଣକୁ ଯୁଦ୍ଧରେ ପରାସ୍ତ କରିବା ପାଇଁ ଜଗଜ୍ଜନନୀ ମା' ଦୁର୍ଗାଙ୍କୁ ଆରାଧନା କରି ଠିକ୍ ସେହିଦିନ ସେ ଲଙ୍କେଶ୍ୱର ରାବଣାସୁରକୁ ମଧ୍ୟ ପରାସ୍ତ କରିଥିଲେ । ସେହିଦିନଠାରୁ ଏହି ଦିବସଟି "ବିଜୟା ଦଶମୀ" ନାମରେ ପରିଚିତ । ଶକ୍ତିର ଅବତାର ମହିଷାମର୍ଦ୍ଦିନୀ ମା' ଦୁର୍ଗା ପ୍ରବଳ ପ୍ରତାପୀ ମହିଷାସୁରକୁ ବଧ କରି ଜଗତକୁ ଘୋର ଅତ୍ୟାଚାରରୁ ରକ୍ଷା କରିଥିଲେ । ରାମଚନ୍ଦ୍ରଙ୍କ ଭଳି ନରଦେହଧାରୀ ଦେବତାମାନଙ୍କୁ ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆରାଧନା କରିବାକୁ ପଡିଥିଲା । କାରଣ ଦୁର୍ଗାଙ୍କ ଆଶୀର୍ବାଦ ବ୍ୟତୀତ ରାବଣ ନିଧନ ଏକ ଅସମ୍ଭବ କଥା ବୋଲି ସେ ବୁଝିପାରିଥିଲେ ।

"ପ୍ରଚଣ୍ଡ ଦୈତ୍ୟ ଦର୍ପଦୋ ଚଣ୍ଡିକେ ପ୍ରତାତାୟମେ
ରୂପମଂ ଦେହି ଜୟଂ ଦେହି ଯଶୋ ଦେହି ଦ୍ୱିଷୋଜହି" ॥

ଦଶହରା ସ୍ଥାନବିଶେଷରେ "ଦୁର୍ଗା ପୂଜା" ଓ "ପାର୍ବଣ" ନାମରେ ପରିଚିତ । ଏହା ଭାରତବର୍ଷର ଏକ ବିଶିଷ୍ଟ ହିନ୍ଦୁ ପର୍ବ । ଏହି ପର୍ବରେ ହିନ୍ଦୁମାନେ ଆଦ୍ୟାଶକ୍ତି ମା' ଜଗଜ୍ଜନନୀ ଦୁର୍ଗାଙ୍କର ପୂଜା ଉତ୍ସବଟି ଭକ୍ତି ଓ ବିନମ୍ର ଭାବରେ ପାଳନ କରିଥାନ୍ତି । ଏହା ନବ ଦିବସ ବ୍ୟାପି ଅନୁଷ୍ଠିତ ହୋଇ ଦଶମ ଦିବସ ଅର୍ଥାତ ଦଶମୀ ଦିନ ଉଦ୍‌ଯାପିତ ହୁଏ । ଏହି ଦଶମ ଦିବସଟି "ବିଜୟା ଦଶମୀ" ନାମରେ ନାମିତ ।

"ଦୁର୍ଗାୟୈଂ ଦୁର୍ଗପାରାୟୈଂ ସାରାୟୈ ସର୍ବକାରିଣ୍ୟୈ
ଖ୍ୟାତ୍ୟୈ ତଥୈବ କୃଷ୍ଣାୟୈ ଧୂମ୍ରାୟୈ ଶତତଂ ନମଃ" ॥

ଦଶହରା ନାମ କରଣର ତାତ୍ପର୍ଯ୍ୟ ହେଲା – ଜ୍ୟେଷ୍ଠ ମାସ ଶୁକ୍ଳ ଦଶମୀ ଦିନ "ଗଙ୍ଗା ଜୟନ୍ତୀ" ପାଳିତ ହେବାର ବିଧି ଅଛି । କାରଣ ଉକ୍ତ ଦିବସରେ ଗଙ୍ଗା ମାତା ସ୍ୱର୍ଗ ପରିତ୍ୟାଗ କରି ମର୍ତ୍ତ୍ୟ ଭୂମିକୁ ଅବତରଣ କରିଥିଲେ ବୋଲି କୁହାଯାଏ । ଗଙ୍ଗା ଜୟନ୍ତୀର ଅନ୍ୟ ନାମ "ଗଙ୍ଗା ଦଶହରା" । ମଣିଷ ଯେତେବେଳେ ପ୍ରତ୍ୟହ ଦଶ ଦୋଷ ବା ଦଶ ପାପରେ ଲିପ୍ତ ହୋଇ ପଡେ ସେତେବେଳେ ସେ ଗଙ୍ଗା ଦଶହରା ଦିବସରେ ଗଙ୍ଗା ନଦୀରେ ସ୍ନାନ କଲେ ଏହି ଦଶ ଦୋଷ ବା ଦଶ ପାପ ହରଣ ହୋଇଯାଏ । ଦଶ ପାପ ହରଣ ହୁଏ ବୋଲି ଏହି ପର୍ବକୁ "ଦଶହରା" କହନ୍ତି । କିନ୍ତୁ ଏହି ସୌଭାଗ୍ୟ କେବଳ ଗଙ୍ଗାତୀରବାସୀଙ୍କୁ ସୁବିଧାରେ ମିଳିଥାଏ । ଭାରତବାସୀ ଏହି ସୁଯୋଗ ଲାଭ କରିଥାନ୍ତି ଆଶ୍ୱିନ ଶୁକ୍ଳପକ୍ଷରେ ଅନୁଷ୍ଠିତ ଦୁର୍ଗା ପୂଜାରେ । ତେଣୁ ଶକ୍ତିରୂପିଣୀ ମା'ଙ୍କ ପୂଜାର ନାମକରଣ ଏହିପରି ଭାବେ କରାଯାଇଅଛି ।

"ଶକ୍ତି ଜଣ୍ଡ ଶ୍ଚର୍ମଚାପମ୍ ପାନ ପାତ୍ରଂ କମଣ୍ଡଲୁଃ
ଅଳଂକୃତ ଭୂଜାମେଭି ରାୟୁଧୈଃ କମଳାସନମ୍" ॥

ଏଇ ଉତ୍କଳ ମାଟିର ସୁନାମଧନ୍ୟ ଲେଖକ ସ୍ୱର୍ଗତ ଚକ୍ରଧର ମହାପାତ୍ରଙ୍କ ମତରେ ସଂପ୍ରତି ଓଡିଶାର ମୃତିକା ନିର୍ମିତ ଯେଉଁ ଦଶ ଭୂଜା ଦୁର୍ଗା ମୂର୍ତ୍ତି ଦଶହରା ଉତ୍ସବରେ ପୂଜା ପାଉଛନ୍ତି , ସେସବୁ ବଙ୍ଗୀୟ ମତରେ ପୂଜିତ । ତାହା ଉତ୍କଳୀୟ ପରମ୍ପରାର ସଂପୂର୍ଣ୍ଣ ବିରୋଧୀ । ଓଡିଶାବାସୀଙ୍କ ମତରେ ଦୁର୍ଗାଙ୍କର ମୂର୍ତ୍ତି ଚତୁର୍ଭୂଜା , ଅଷ୍ଟଭୂଜା ବା ଷୋଡଶଭୂଜା ହେବା ବିଧିସଙ୍ଗତ ।

ଉତ୍କଳୀୟ ମତରେ , ଶେଷ ଦଶହରା ପର୍ବ ୧୮୭୬ ମସିହାରେ ପାଳିତ ହୋଇଥିଲା । ସେତେବେଳେ ପୁରୀର ଠାକୁର ରାଜା ତୃତୀୟ ଦିବ୍ୟସିଂହଙ୍କ ସମୟରେ , ଏହି ପର୍ବରେ ଓଡିଶାର ପରଂପରାନୁଗତ ଚୈତ୍ର ଯାତ୍ରା ପାଳନର ବ୍ୟବସ୍ଥା ଥିଲା । ଏଥିରେ ପ୍ରାୟ ୨୫ ହଜାର ପାଇକ ପ୍ରାଚୀନ ଯୋଦ୍ଧା ବେଶରେ ସୁସଜ୍ଜିତ ହୋଇ ପ୍ରାୟ ଏକ ଲକ୍ଷ ସଂଖ୍ୟା ବିଶିଷ୍ଟ ଜନତାଙ୍କ ଉପସ୍ଥିତିରେ ରଣହୁଙ୍କାର ଦେଇ ଚୈତ୍ର ଯାତ୍ରା କରିଥିଲେ । ସେହିଦିନଠାରୁ ସର୍ବତ୍ର ଦଶହରା ଓ ଚୈତ୍ର ଯାତ୍ରା ପାଳନ ହେଉଅଛି ।

ବଙ୍ଗୀୟ ମତରେ , ଦୁର୍ଗା ଦଶଭୂଜା ରୂପେ ପୂଜା ପାଆନ୍ତି । ଉତ୍କଳୀୟ ବିଧିରେ ଧ୍ୟାନର ମନ୍ତ୍ର ୯ ଅକ୍ଷର , କିନ୍ତୁ ବଙ୍ଗୀୟ ପରଂପରାରେ ଏହା ୬ ଅକ୍ଷର । ଓଡିଶାର ଦଶହରା ନୀତି ଦୀର୍ଘକାଳ ବନ୍ଦ ରହିବା ଫଳରେ କେତେକ ଆମୋଦ ପ୍ରମୋଦ ପାଇଁ ବଙ୍ଗୀୟ ମତରେ ଦୁର୍ଗା ପୂଜା ଆରମ୍ଭ କରିଥିଲେ । ଏହି ପୂଜାରେ ସେତେବେଳେ କୌଣସି ଉତ୍କଳୀୟ ଅଂଶ ଗ୍ରହଣ କରୁନଥିଲେ । କିନ୍ତୁ କାଳକ୍ରମେ ଏହା ଉତ୍କଳର ବହୁ ଅଂଚଳକୁ ଧିରେ ଧିରେ ବ୍ୟାପି ଯାଇଥିଲା ।

ବର୍ତ୍ତମାନ ଭାରତର ବହୁ ସହରରେ ଦଶହରା ପର୍ବ ମହା ଆଡମ୍ବରରେ ପାଳିତ ହେଉଅଛି । ଦୁର୍ଗା ପୂଜାର ସମାରୋହ ଭାରତର ସମସ୍ତ ନଗର ଅପେକ୍ଷା କଲିକତାରେ ହିଁ ବହୁ ଗୁଣରେ ପାଳନ କରାଯାଏ । ବହୁ ଅର୍ଥ ବ୍ୟୟରେ ସ୍ଥାନେ ସ୍ଥାନେ ମା ଦୁର୍ଗାଙ୍କର ମୂର୍ତ୍ତିମାନ ନିର୍ମିତ ହୋଇଥାଏ । ପୁରପଲ୍ଲୀର ବହୁ ବ୍ୟକ୍ତି ଦୁର୍ଗା ପୂଜା ସାଜସଜ୍ଜା ଦେଖିବା ପାଇଁ କଲିକତା ଆସିଥାନ୍ତି । ଜନ ସମାଗମରେ କଲିକତା ନଗରୀ ପୁରିଉଠେ । ସେଠାରେ ଶାନ୍ତି ରକ୍ଷା ଓ ଅନ୍ୟାନ୍ୟ ସାହାଯ୍ୟ ସୁବିଧା ନିମିତ ସରକାରଙ୍କ ପକ୍ଷରୁ ଦୃଢ ବ୍ୟବସ୍ଥା ହୋଇଥାଏ । ବିଜୟା ଦଶମୀ ଦିନ ଦେବୀ ମୂର୍ତ୍ତିସବୁକୁ ଗଙ୍ଗା ନଦୀରେ ବିସର୍ଜନ କରାଯାଏ ।

ଉତ୍କଳର ଏକ ମାତ୍ର ପ୍ରସିଦ୍ଧ ନଗର କଟକର ଦଶହରା ଉତ୍ସବ ସମଗ୍ର ଉତ୍କଳରେ ପ୍ରସିଦ୍ଧି ଲାଭ କରିଛି । ପ୍ରତ୍ୟେକ ବଜାର ଓ କେନ୍ଦ୍ରସ୍ଥଳିଗୁଡିକରେ ଦେବୀଗୃହରେ ଦେବୀ ମୂର୍ତ୍ତିମାନ ବହୁ ଅର୍ଥ ବ୍ୟୟରେ ନିର୍ମିତ ହୋଇଥାଏ । ଶିଳ୍ପୀର ହସ୍ତ ସ୍ପର୍ଶରେ ଓ ଅତ୍ୟାଧୁନିକ ସାଜସଜା ମଧ୍ୟରେ ମୂର୍ତ୍ତିଗୁଡିକ ଜୀବନ୍ତ ଭଳି ପ୍ରତୀୟମାନ ହୁଅନ୍ତି । ପୌରାଣିକ ଆଖ୍ୟାୟିକାଗୁଡିକୁ ଅବଲମ୍ବନ କରି ମୂର୍ତ୍ତିସବୁ ନିର୍ମିତ ହୋଇଥାନ୍ତି । କଟକରେ ଜନସମାଗମ ପ୍ରବଳ ଭାବରେ ବଢିଯାଏ । ବିଜୟା ଦଶମୀ ଦିନ ମହାସମାରୋହରେ ମୂର୍ତ୍ତିସବୁ କାଠଯୋଡି କୂଳକୁ ନୀତ ହୁଅନ୍ତି ଓ ସେହିଦିନ ମୂର୍ତ୍ତିଗୁଡିକ କାଠଯୋଡିରେ ଭସାଇ ଦିଆଯାଏ ।

ଓଡିଶାର ପ୍ରତ୍ୟେକ ପଲ୍ଲୀ ଓ ଗ୍ରାମରେ ମଧ୍ୟ ଦଶହରା ପର୍ବ ଅନୁଷ୍ଠିତ ହୋଇଥାଏ । ପଲ୍ଲୀବାସୀଙ୍କର ଆର୍ଥିକ ବଳ ଅନୁସାରେ ବିଭିନ୍ନ ପଲ୍ଲୀରେ ପୂଜାର ଆଡମ୍ବରରେ ତାରତମ୍ୟ ଦେଖାଯାଏ , କିନ୍ତୁ ନଗରବାସୀ ଯେପରି ସମାରୋହରେ ଭାସିଯାଇ ଶୁଦ୍ଧପୂତ ଭକ୍ତିଭାବ ହରାଇ ବସନ୍ତି , ପଲ୍ଲୀବାସୀଙ୍କଠାରେ ସେପରି ଦେଖାଯାଏ ନାହିଁ । ଏମାନେ ମା ଦୁର୍ଗାଙ୍କର ପୂଜା ଉତ୍ସବକୁ ଭକ୍ତିର ସହ ପାଳନ କରିଥାନ୍ତି । ଗ୍ରାମର ଅଧିବାସୀଗଣ ନିଜ ନିଜର କୁଳ ବ୍ୟବସାୟର ବିଭିନ୍ନ ଯନ୍ତ୍ରପାତି ଦେବୀଙ୍କ ପାଖରେ ସ୍ଥାପନ କରନ୍ତି । ଏହାକୁ ସ୍ଥାନୀୟ ଭାଷାରେ "ସଜ ବସାଇବା" କହନ୍ତି । ବିଜୟା ଦଶମୀ ଦିନ ସଜ ଉଠେ ଓ ଦେବୀଙ୍କୁ ବିସର୍ଜନ କରାଯାଏ । ଏହି ପର୍ବ ଓଡିଆ ଜାତିର ଏକ ମହାନ ପର୍ବ । ଏହା ସମଗ୍ର ହିନ୍ଦୁ ଜଗତକୁ ପ୍ରଭାବିତ କରିପାରୁ ଥିବାରୁ ଓଡିଆ ଜାତି ଆଜି ଗର୍ବିତ ।

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ମୋ : ୯୯୩୭୪୧୨୫୧୫*



# ନବୀନ ସରକାର ଦୁର୍ନୀତିର କାର୍ପେଟଦାର : ବିଜେପି




**ଭୁବନେଶ୍ୱର :** ନବୀନ ସରକାର ଦୁର୍ନୀତିର କାର୍ପେଟଦାର ବୋଲି ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିବା ସହ ଏହା ବିରୁଦ୍ଧରେ ବିଜେପି ରାଜ୍ୟବ୍ୟାପୀ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ଘୋଷଣା କରିଛନ୍ତି । ଆୟୁଷ୍ମାନ ଭାରତ ଯୋଜନା ଓଡିଶାରେ ଲାଗୁ କରିବା ପାଇଁ ଏକ କୋଟି ଓଡିଆଙ୍କ ଦସ୍ତଖତ ସମ୍ବଳିତ ଦାବି ପତ୍ର ରାଜ୍ୟପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ପ୍ରଦାନ, ସବୁ ବ୍ଲକ ସ୍ତରରେ ବିକ୍ଷୋଭ ପ୍ରଦର୍ଶନ, ରାଜ୍ୟ ତମାମ ପଦ ଯାତ୍ରା ଓ ରାଜ୍ୟ ତମାମ ବିଶାଳ ପରିବର୍ତ୍ତନ ଯାତ୍ରାର ଲକ୍ଷ୍ୟ କାର୍ଯ୍ୟକ୍ରମ ଦଳ ହାତକୁ ନେବ ବୋଲି ଶ୍ରୀ ପଣ୍ଡା ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଶ୍ରୀ ପଣ୍ଡା କହିଛନ୍ତି ଯେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା ପାଇଁ ରାଜ୍ୟରେ ଚାଲିଥିବା ଦସ୍ତଖତ ଅଭିଯାନକୁ ବ୍ୟାପକ ଜନ ସମର୍ଥନ ମିଳିଛି । ଦଶହରା ପୂର୍ବରୁ ଏକ କୋଟି ଦସ୍ତଖତ ସହ ରାଜ୍ୟପାଳଙ୍କୁ ସାକ୍ଷାତ କରି ଏହି ଦାବି ପତ୍ର ପ୍ରଦାନ କରାଯିବ । ଶ୍ରୀ ପଣ୍ଡା କହିଛନ୍ତି ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନାଁରେ ରାଜନୈତିକ ଉଦ୍ଦେଶ୍ୟ ରଖି ମୋଦିଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ଓଡିଆ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବାରୁ ବଂଚିତ କରିବା ପାଇଁ ନବୀନ ସରକାରଙ୍କ ଷଡଯନ୍ତ୍ରକୁ ଓଡିଶାବାସୀ ମର୍ମେ ମର୍ମେ ଅନୁଭବ କରୁଛନ୍ତି । ସାରା ଦେଶରେ ମାଗଣା ସ୍ୱାସ୍ଥ୍ୟ ସେବା ମିଳିବା ବାଟରେ ନବୀନ ସରକାର ଏକ କଂଟା ହୋଇଥିବା ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି ଅକ୍ଟୋବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସବୁ ବ୍ଲକ ଅଫିସ ସାମନାରେ ଘେରାଉ ଓ ବିକ୍ଷୋଭ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ବ୍ଲକଗୁଡିକ ଦୁର୍ନୀତି ଓ ପିସିର କେନ୍ଦ୍ର ସାଜିଛି । ଆମ ଗାଁ ଆମ ବିକାଶ ଯୋଜନା ପିସିକୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ଦିଷ୍ଟ । ଲୋକ ଚାହୁଁଥିବା କାମ ହେଉ ନାହିଁ ମାତ୍ର ବିଧାୟକ ଓ ବିଜେଡି ନେତାଙ୍କ ଯୋଜନାରେ ପାଂଚି ସଂଗ୍ରହ ପାଇଁ ଯୋଜନା ପ୍ରସ୍ତୁତ ହୋଇ ବିନା ଟେଣ୍ଡରରେ ଦଳୀୟ କର୍ମୀମାନଙ୍କୁ ଅର୍ଥ ଯୋଗାଇ ଦିଆଯିବା ମାମଲାରେ ଏହି ବିକ୍ଷୋଭରେ ପ୍ରତିବାଦ କରାଯିବ । ନିଜସ୍ୱ ଖାଦ୍ୟ ସୁରକ୍ଷା ନାଁରେ ଦଳୀୟ କର୍ମୀମାନଙ୍କୁ ଚାଉଳ ଯୋଗାଣ ପାଇଁ ପ୍ରଶାସନିକ କଳକୁ ବ୍ୟବହାର କରାଯାଉଛି । ତାଲିକାକୁ ସାର୍ବଜନୀନ କରାଯାଉ ନାହିଁ ବା ବାଦ ପଡୁଥିବା ଯୋଗ୍ୟ ହିତାଧିକାରୀଙ୍କ ଅଭିଯୋଗକୁ ଶୁଣିବାର ବ୍ୟବସ୍ଥା ନାହିଁ । ଏହି ବିକ୍ଷୋଭରେ ଏହି ସବୁ ପ୍ରସଙ୍ଗ ଗୁଡିକରେ ବିରୋଧ ପ୍ରକାଶ କରାଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ନଭେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସବୁ ବ୍ଲକ, ପଂଚାୟତ, ବୁଥ ଓ ୱାର୍ଡ, ପଲ୍ଲୀ, ମୌଜା ସବୁଠାରେ ଜନସାଧାରଣଙ୍କୁ ସାମିଲ କରି ଜନଜାଗରଣ ପଦଯାତ୍ରା କରାଯିବ । ସବୁ ପଡା ଗାଁ ପର୍ଯ୍ୟନ୍ତ ଏହି ପଦ ଯାତ୍ରା ମାଧ୍ୟମରେ ୧୯ ବର୍ଷର ଶାସନରେ ସ୍ଥାଣୁତା, ଅପାରଗତା କାରଣରୁ ଲୋକ ଭୋଗୁ ଥିବା ଦୁଃଖ ଦୁର୍ଦ୍ଦଶାର ପ୍ରତିବାଦ କରାଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଡିସେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସାରା ବିଶାଳ ପରିବର୍ତ୍ତନ ଯାତ୍ରା ବାହାର କରାଯିବ । ଏଥିରେ ରାଜ୍ୟର ନେତୃମଣ୍ଡଳୀ ସହିତ ରାଷ୍ଟ୍ରୀୟ ନେତୃତ୍ୱ ଏଥିରେ ଯୋଗ ଦେବେ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି ଯେ ଓଡିଶାର ଲୋକ ଏକ ବଡ ପରିବର୍ତ୍ତନ ପାଇଁ ମାନସିକ ପ୍ରସ୍ତୁତି କରି ସାରିଛନ୍ତି । ୧୯ ବର୍ଷ ଶାସନରେ ଦୁର୍ନୀତିଖୋରମାନେ ରାଜ୍ୟର ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଆତ୍ମସାତ କରି ସାଧାରଣ ଓଡିଆ ଲୋକଙ୍କୁ ପ୍ରତାରିତ କରିଛନ୍ତି । ରାଜ୍ୟ ସରକାରଙ୍କର ପ୍ରତି ବିରୋଧ ଏବଂ ମୋଦିଙ୍କ ସୁଶାସନ ଓ ଗରୀବ କଲ୍ୟାଣ ପ୍ରତି ବ୍ୟାପକ ଜନ ସମର୍ଥନ ବିଜେପିର ମିଶନ ୧୨୦କୁ ସଫଳ କରିବା ସହ ସଂଖ୍ୟାଧିକ ଲୋକସଭା ସଦସ୍ୟଙ୍କ ବିଜୟ ପାଇଁ ପଥ ପରିଷ୍କାର କରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଦଳ ନେତା କେ.ଭି.ସିଂହଦେଓ, ରାଜ୍ୟ ଉପ ସଭାପତି ସମୀର ମହାନ୍ତି ଏବଂ ରାଜ୍ୟ ସାଧାରଣ ସଂପାଦକ ଭୃଗୁ ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପିର ଜନଯାତ୍ରା ଜୁମ୍‌ଲା ବୋଲ୍ ଆନ୍ଦୋଳନ : ବିଜେଡି

**ଭୁବନେଶ୍ୱର :** ବିଜେପି ରାଜ୍ୟ ଅଧ୍ୟକ୍ଷଙ୍କ ଉକ୍ତି ଅନୁସାରେ ତାଙ୍କ ଦଳ କିଛି ମାସ ମଧ୍ୟରେ କିଛି କାର୍ଯ୍ୟକ୍ରମ ହାତକୁ ନେବ । ଏହା ବିଜେପିର ଭୟକୁ ପ୍ରତିପାଦିତ କରୁଛି । 'ଅଚ୍ଛେଦିନ'ର ନାରା ଦେଇ କେନ୍ଦ୍ରର ବିଜେପି ସରକାର ମିଥ୍ୟା ପ୍ରତିଶ୍ରୁତି ଜନସାଧାରଣଙ୍କୁ ଦେଇଥିଲା ଏବଂ ସାଢ଼େ ୪ବର୍ଷ ହେଲା କରିଆସିଥିବା ପ୍ରତାରଣା ରାଜ୍ୟର ଜନସାଧାରଣ ମର୍ମେ ମର୍ମେ ଅନୁଭବ କରୁଛନ୍ତି । ବିଜେପି ଯେଉଁ ଜନଜାଗରଣ ଆନ୍ଦୋଳନ କରିବାକୁ ଯାଉଛି ତାହା ବାସ୍ତବରେ ଜୁମ୍‌ଲା ବୋଲ୍ ଆନ୍ଦୋଳନରେ ପରିଣତ ହେବ । ବିଗତ ସାଢ଼େ ୪ବର୍ଷ ହେଲା ବିଜେପି ଜନସାଧାରଣଙ୍କୁ ଫମ୍ପା ମାଠିଆ ଭଳି ଫମ୍ପା ସ୍ୱପ୍ନ ଏବଂ ଜୁମ୍‌ଲାରେ ପ୍ରଭାବିତ କରିଆସୁଥିଲା । ୨୦୧୪ରେ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ଦେବ ବୋଲି ବିଜେପି ଯେଉଁ ପ୍ରତିଶ୍ରୁତି ରଖିଥିଲା, ତାହା ଏବେ ପାଣିର ଗାର ହୋଇଛି । ଶାସନକୁ ଆସିଲା ପରେ ପ୍ରତିଶ୍ରୁତିକୁ ଭୁଲିଯିବା ବିଜେପିର ଅଭ୍ୟାସରେ ପରିଣତ ହୋଇଯାଇଛି । ଯେପରି ଏହିଦଳ ପ୍ରତିବର୍ଷ ୨ କୋଟି ରୋଜଗାର ସୃଷ୍ଟି କରିବା ଏବଂ ପ୍ରତି ଆକାଉଣ୍ଟକୁ ୧୫ଲକ୍ଷ ଟଙ୍କା ଆସିବ ବୋଲି ପ୍ରତିଶ୍ରୁତି ଦେଇଥିଲା, ତାହା ଜୁମ୍‌ଲାରେ ପରିଣତ ହୋଇଛି । କଳାଧନ ପ୍ରସଂଗ ହେଉ କିମ୍ବା ତୈଳ ଦରବୃଦ୍ଧିର ନିୟନ୍ତ୍ରଣ ହେଉ, ଏପରିକି ଓଡ଼ିଶାକୁ କେନ୍ଦ୍ର ଦେଉଥିବା ଅନୁଦାନ କାଟ୍ ହେଉ, ପ୍ରତ୍ୟେକଟି କ୍ଷେତ୍ରରେ ବିଜେପିର ପ୍ରତାରଣା ଓଡ଼ିଶାବାସୀ ଅନୁଭବ କରିଛନ୍ତି । ବର୍ତ୍ତମାନ ବିଜେପିର ଯାତ୍ରା 'ବିନାଶର ଯାତ୍ରା' କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଜେପି ବିଜୁ ଜନତା ଦଳକୁ ଅନୁସରଣ କରିବା ଏକ ହାସ୍ୟାସ୍ପଦ କଥା । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସାରା ରାଜ୍ୟରେ ଯେଭଳି ଲୋକପ୍ରିୟ ହୋଇପାରିଛି, ସେଥିରେ ବିଜେପି ଭୟଭୀତ ହୋଇଯାଇଥିବା ଜଣାପଡୁଛି । ବିଜେଡି ଅନେକବର୍ଷ ହେଲା ଜନସଂପର୍କ ପଦଯାତ୍ରା ଦ୍ୱାରା ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚିପାରିଛି । ଚଳିତବର୍ଷ ମଧ୍ୟ ବିଜେଡି ଏକମାସ ଧରି ଏଭଳି ଯାତ୍ରା ଜାରି ରଖି ଓଡ଼ିଶାର ଜନସାଧାରଣଙ୍କ ଆତ୍ମୀୟତା ଲାଭ କରିପାରିଛି । ଏହି ପଦଯାତ୍ରାରେ ଓଡ଼ିଶାର ଯୁବକ-ଯୁବତୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ମହିଳା, କୃଷକ, ଶ୍ରମିକ ଯୋଗଦାନ କରୁଥିବା ବେଳେ ବିଜେପି ଏହାକୁ ଅନୁସରଣ କରୁଛି । ବିଜେପିର ଏହି ଜନଜାଗରଣ ଯାତ୍ରା ତାଙ୍କର ବିଫଳତାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ଚେଷ୍ଟା । ମହାନଦୀର ପାଣିକୁ ଛତିଶଗଡ଼ର ବିଜେପି ସରକାର ଚୋରି କରୁଥିବା ବେଳେ, ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଅନୁସୂଚିତ ଜନଜାତିଙ୍କ ଜୀବନ ଜୀବିକାକୁ ବୁଡ଼ାଇବା ପାଇଁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରୁଥିଲା ବେଳେ, ବିଜେପି ନିରବ ରହିଛି । ୩୦ ହଜାର କୋଟି ଟଙ୍କାର କୋଷ୍ଟାଲ୍ ହାଇୱେ ହେବ ବୋଲି ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ଏବେ ପାଣି ଫୋଟକାରେ ପରିଣତ ହୋଇଛି । ରେଳବାଇ ଦ୍ୱାରା ଓଡ଼ିଶାରୁ ୧୬ ହଜାର କୋଟି ଟଙ୍କାର ରାଜସ୍ୱ ପାଉଥିଲା ବେଳେ ଏବଂ ଓଡ଼ିଶା ସରକାର ଏଥିପାଇଁ ମାଗଣାରେ ଜମି ଏବଂ ୫୦ ପ୍ରତିଶତ ଅର୍ଥ ବହନ କରିବେ ବୋଲି ନିଷ୍ପତ୍ତି ନେଇଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ନବରଙ୍ଗପୁର ଓ ମାଲକାନଗିରି ସହିତ ରେଳଲାଇନ୍ ସଂଯୋଗୀକରଣ ହୋଇପାରି ନାହିଁ । ଏଥିରୁ ଜଣାପଡୁଛି, ବିଜେପି ବିକାଶ ନୁହେଁ ବିନାଶରେ ବିଶ୍ୱାସ କରେ । ଉପ-ନିର୍ବାଚନଗୁଡିକରେ ଯଥା ଉତ୍ତରପ୍ରଦେଶର ଦୁଇଟି ଲୋକସଭା କ୍ଷେତ୍ରକୁ ବିଜେପି ଯେପରି ହରାଇ ବସିଛି, ବିଜେପି ଛାତିରେ ସେଥିଯୋଗୁ ଛନକା ପଶିଯାଇଥିବା ଅନୁମାନ କରାଯାଉଛି ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ତିତ୍‌ଲି ପାଇଁ ...

କ୍ୟାମ୍ପ କରି ପରିସ୍ଥିତିକୁ ଆୟତ୍ତାଧୀନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସଚିବାଳୟରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହି ତିନି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ । ବିଭିନ୍ନ ସ୍ଥାନରେ ରାସ୍ତା ଧୋଇ ହେବା, ବିଜୁଳି ଖୁଣ୍ଟ ଉପୁଡ଼ି ପଡ଼ିବା ଏବଂ ନଦୀ ବନ୍ଧରେ ଘାଇ ସୃଷ୍ଟି ହେବା ମୁଖ୍ୟ ପ୍ରସଙ୍ଗ ଭାବରେ ଗ୍ରହଣ କରାଯାଇଛି । ଯୁଦ୍ଧକାଳୀନ ଭିତ୍ତିରେ ଏସବୁର ମରାମତି ତଥା ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଲୋଚନାରୁ ଜଣାପଡ଼ିଛି ଯେ, ଜି.ଉଦୟଗିରି, କଣ୍ଟାପଡ଼ା ବ୍ଲକ୍‌ରେ ୩୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇଛି । ଆସ୍କା, ପୁରୁଷୋତ୍ତମପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପରିସ୍ଥିତିର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ୧୪ଟି ଏନ୍‌ଡିଆର୍‌ଏଫ୍ ଏବଂ ୧୨ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି । ଆସନ୍ତା ୨-୩ ଦିନ ଭିତରେ ସମସ୍ତ ବ୍ଲକ୍‌କୁ ଯେମିତି ବିଜୁଳି ସଂଯୋଗ କରାଯାଇପାରିବ ସେଥିପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି । ତିତ୍‌ଲି ପରବର୍ତ୍ତୀ ଅବସ୍ଥାରେ ଉଦ୍ଧାର, ଥଇଥାନ ଏବଂ ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀ ଏକ ମନ୍ତ୍ରିସ୍ତରୀୟ କମିଟି ଗଠନ କରିଛନ୍ତି । ଏହି କମିଟିକୁ ତୁରନ୍ତ ବାତ୍ୟା ପ୍ରଭାବିତ ଗଞ୍ଜାମ, ଗଜପତି, ଓ ରାୟଗଡ଼ା ଜିଲ୍ଲା ପରିଦର୍ଶନ ପାଇଁ ଯିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ଟିମ୍ ସରକାରଙ୍କୁ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ରିପୋର୍ଟ ଦେବ । ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟିମ୍‌ରେ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂହ ଅଛନ୍ତି । ତିତ୍‌ଲି କ୍ଷୟକ୍ଷତି ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସଚିବାଳୟ ଓ ବିଭାଗୀୟ ମୁଖ୍ୟ ଦପ୍ତର(ଏଚ୍‌ଓଡି)ର ସମସ୍ତ ଅଫିସରଙ୍କ ପୂଜା ଛୁଟି ବାତିଲ୍ କରିଛନ୍ତି । ଏପରିକି ଯେଉଁ ଅଫିସର୍‌ମାନଙ୍କୁ ପୂଜା ଛୁଟିରେ ଯିବା ପାଇଁ ସରକାର ଅନୁମୋଦନ ଦେଇଥିଲେ ତାକୁ ମଧ୍ୟ ରଦ୍ଦ କରାଯାଇଛି । ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ ଏ କେ ମୀନା ଏ ନେଇ ସମସ୍ତ ବିଭାଗୀୟ ସଚିବଙ୍କୁ ଚିଠି ଲେଖିଛନ୍ତି । ସରକାରୀ କାର୍ଯ୍ୟ ଯେଭଳି ବ୍ୟାଘାତ ନହେବ, ସେଥିପାଇଁ ରୋଷ୍ଟର୍ ଡ୍ୟୁଟିର ବ୍ୟବସ୍ଥା କରିବା ନିମନ୍ତେ ସଚିବମାନଙ୍କୁ ପରାମର୍ଶ ଦିଆଯାଇଛି ।

### ପ୍ରତିଭା ରାୟ ...

ପରେ ଓଡ଼ିଆ ସାହିତ୍ୟ ଜଗତରେ ଆନନ୍ଦ ପ୍ରକାଶ ପାଇଛି । ଗତ ଜାନୁଆରୀ ମାସରେ ଡ. ରାୟଙ୍କ ନାମ କେନ୍ଦ୍ର ସାହିତ୍ୟ ଅକାଦେମୀର ଅଧ୍ୟକ୍ଷ ପଦବୀର ପ୍ରତିଦ୍ୱନ୍ଦ୍ୱିତା ପାଇଁ ଚର୍ଚ୍ଚାରେ ଥିଲା । ଦେଶ ତଥା ବିଦେଶରେ ନିଜର ସ୍ୱତନ୍ତ୍ର ଲେଖକୀୟ ଶୈଳୀ ପାଇଁ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ସାହିତ୍ୟିକ ଡ. ରାୟ ୨୦୧୧ ମସିହାରେ ଜ୍ଞାନପୀଠ ପୁରସ୍କାର ହାସଲ କରିଥିଲେ । ୧୯୭୪ ମସିହାରେ ତାଙ୍କର ପ୍ରଥମ ଉପନ୍ୟାସ 'ବର୍ଷା, ବସନ୍ତ , ବୈଶାଖ'ରୁ ଲେଖକ ଜୀବନ ଆରମ୍ଭ କରିଥିବା ଡ. ରାୟ ୧୯୯୦ରେ 'ଶାରଳା ସମ୍ମାନ', ୧୯୯୧ରେ ତାଙ୍କର 'ଯାଜ୍ଞସେନୀ' ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ତରଫରୁ 'ମୂର୍ତ୍ତିଦେବୀ' ପୁରସ୍କାର ହାସଲ କରିଥିଲେ ।

### ସରକାରଙ୍କ ଘୋଷଣା ...

ବାହାବା ନେବାପାଇଁ ଘୋଷଣା ସର୍ବସ୍ୱ ସରକାରଙ୍କର ତୃଣମୂଳ ସ୍ତରରେ ସମ୍ଭାବ୍ୟ ଦୁର୍ବିପାକର ମୁକାବିଲା ପାଇଁ କୌଣସି ପ୍ରସ୍ତୁତି ନଥିଲା । ୩ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବାର ମିଛ ଡ୍ରାମା କରି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ ପାଇଁ ରାଜ୍ୟ ସରକାରଙ୍କର ମିଛ ଘୋଷଣାର ପର୍ଦ୍ଦାଫାସ ହୋଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ସରକାରଙ୍କ ଜିରୋ କାଜୁଆଲିଟିର ବଡ ଘୋଷଣା ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ସଚିବାଳୟରୁ ପ୍ରସ୍ତୁତିର ଘୋଷଣା ମାତ୍ର ତୃଣମୂଳ ସ୍ତରରେ ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ଓ ସରକାରୀ କର୍ମଚାରୀ ମରୁଡି ରାଜ୍ୟ ସରକାରଙ୍କ ମିଛ ଦାବିକୁ ଭୁଲ୍ ପ୍ରମାଣିତ କରିଛି । ଖୋଦ ମୁଖ୍ୟଶାସନ ସଚିବ ତିତ୍‌ଲି ଓ ବର୍ଷା ବିଫଳତାକୁ ସ୍ୱୀକାର କରି ସାରିଥିବା ବେଳେ ନବୀନ ସରକାରଙ୍କର ଆଉ ବାହାସ୍ଫୋଟ ନ ମାରି ଲୋକଙ୍କ ମନୁଷ୍ୟକୃତ ଓ ପରିଚାଳନା ତ୍ରୁଟି କାରଣରୁ ଦୁର୍ଦ୍ଦଶା ପାଇଁ ଲୋକମାନଙ୍କ ପାଖରେ ଉତରଦାୟୀ ରହିବାକୁ ପଡିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଓଡିଶାର ଏହି ଦୁର୍ବିପାକ ସମୟରେ କେନ୍ଦ୍ର ସରକାର ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେବାପାଇଁ ପ୍ରସ୍ତୁତ । ଗତକାଲି ପ୍ରଧାନମନ୍ତ୍ରୀ , ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଗୃହମନ୍ତ୍ରୀ ରାଜନାଥ ସିଂହଙ୍କୁ ସାକ୍ଷାତ କରି ସବୁ ପ୍ରକାର ସହଯୋଗ ପାଇଁ ଦୃଢ ପ୍ରତିଶୃତି ପାଇଛନ୍ତି । ଏନଡିଆରଏଫ ତରଫରୁ ବାତ୍ୟା ଓ ବନ୍ୟା ପରିସ୍ଥିତିରେ ସ୍ଥାନୀୟ ପ୍ରଶାସନକୁ ଉଚିତ ସହାୟତା ଯୋଗାଇ ଦେଇଥିବା ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ରାଜ୍ୟ ସଂପାଦକ ଦିଲୀପ ମଲ୍ଲିକ ଏବଂ ରାଜ୍ୟ ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

### ଦ୍ୱିଗୁଣିତ ହେବ ...

ଶ୍ରୀ ପ୍ରଧାନ ଆହୁରି କହିଥିଲେ ଆଜି ହେଉଛି ସବୁଠାରୁ ଗୌରବର ଦିନ । ବରଗଡ଼ ଜିଲ୍ଲାର ଶିଳ୍ପୀ, କାରିଗରୀ ଓ ଦକ୍ଷତା ପାଇଁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ରହିଛି । ଜିଲ୍ଲାର ବୁଣାକାରମାନଙ୍କର ହସ୍ତତନ୍ତ କେବଳ ଓଡ଼ିଶା କି ଭାରତ ନୁହେଁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ବରଗଡ଼ ଜିଲ୍ଲାର ଚାଷ ଦେଶର ଅନ୍ୟତମ ଭାତହାଣ୍ଡି । ଚଳିତ ବର୍ଷ ୫୫ ଲକ୍ଷ ଟନ୍ ଧାନ କିଣା ହେବାର ଲକ୍ଷ୍ୟ ରହିଛି । ଏହାକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଯୋଜନାରେ ଏଠାରେ ୧ ହଜାର କୋଟିର ଏହି କାରଖାନା ହେବାକୁ ଯାଉଛି । ଆଗାମୀ ଦିନରେ ଏହି ଅଞ୍ଚଳର ଆହୁରି ବିକାଶ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଥିଲେ । ଏହି ଅବସରରେ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ, ପ୍ରକଳ୍ପ ପ୍ରତିଷ୍ଠା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏଥିପାଇଁ ସେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେ । ଏହା ଦ୍ୱାରା କେବଳ ଚାଷୀଙ୍କର ଉନ୍ନତି ନୁହେଁ ବରଂ ଜିଲ୍ଲାର ଅର୍ଥନୈତିକ ସମୃଦ୍ଧି ଘଟିବ ବୋଲି ମତ ଦେଇଥିଲେ ଶ୍ରୀ ଆଚାର୍ଯ୍ୟ । ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ମନ୍ତବ୍ୟ ଉପରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ବିକାଶ କାମରେ ରାଜନୈତିକ ଚଷମା ପିନ୍ଧିବା ଉଚିତ ନୁହେଁ, ଯାହା କହିଛନ୍ତି ସେ ଏହିକଥାକୁ ତାଙ୍କର ଚେଲାମାନଙ୍କୁ ପଢ଼ାଇବା ଦରକାର । ମନ ବଡ଼ କଲେ ବରଗଡ଼ ସହ ଓଡ଼ିଶାର ମାନ ସମ୍ମାନ ବଢ଼ିବ । ଗତ ମାସରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିଥିଲେ । ଝାରସୁଗୁଡାରେ ପ୍ରଧାନମନ୍ତ୍ରୀ ବୀର ସୁରେନ୍ଦ୍ର ସାଏଙ୍କ ନାଁରେ ବିମାନ ବନ୍ଦର ଲୋକାର୍ପଣ କରିଛନ୍ତି । ବୁଣାକାର ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । କୃଷକ ଓ ବୁଣାକାର ମାନଙ୍କ ପାଇଁ ଜିଲ୍ଲାରେ ଅପାର ସମ୍ଭାବନା ରହିଛି । ସାରା ରାଜ୍ୟର ଯୁବକମାନଙ୍କୁ ଏଠାରେ ନିଯୁକ୍ତି ଦେବାର ସୁଯୋଗ ରହିଛି । ଏହି ପ୍ରକଳ୍ପ ବାର୍ଷିକ ୩ କୋଟି ଲିଟର ଇନ୍ଧନ ଯୋଗ୍ୟ ଇଥାନଲ ଉତ୍ପାଦନ କରିବ । ବାର୍ଷିକ ପ୍ରାୟ ୨ ଲକ୍ଷ ଟନ୍ ନଡ଼ା କଞ୍ଚାମାଲ ଭାବରେ ବ୍ୟବହାର କରାଯିବ । ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳର ପ୍ରାୟ ୧୨୦୦ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପାଇବେ । ସେହିପରି ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏବଂ ସାଂସଦ ଡ.ପ୍ରଭାସ ସିଂ ଉକ୍ତ ପ୍ରକଳ୍ପରେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦେବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦୀର୍ଘ ବର୍ଷରୁ ସର୍ଭେ ହୋଇଥିବା ବରଗଡ଼- ନୂଆପଡ଼ା ରେଳପଥ କାର୍ଯ୍ୟାରମ୍ଭ ପାଇଁ ମଧ୍ୟ ସାଂସଦ ଡ. ସିଂ ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଉପାଧ୍ୟକ୍ଷା ମଦନ ଦୀପ ପ୍ରମୁଖ ଉପସ୍ଥିତ ଥିଲେ । ଏ ଅବସରରେ ପ୍ରକଳ୍ପ ନିର୍ମାଣ କରୁଥିବା ଇଞ୍ଜିନିୟର ଇଣ୍ଡିଆ ଲିମିଟେଡ୍ ତରଫରୁ ଦିବ୍ୟାଙ୍ଗମାନଙ୍କୁ ହ୍ୱିଲ ଚେୟାର୍ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ବିପିସିଏଲ୍‌ର ସିଏମ୍‌ଡି ଡି ରାଜକୁମାର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ନିର୍ଦ୍ଦେଶକ ଆର୍ ରାମଚନ୍ଦ୍ରନ ଧନ୍ୟବାଦ ଅର୍ପଣ କରିଥିଲେ ।

### କେନ୍ଦ୍ର କ୍ୟାବିନେଟ୍ ...

ବିଜ୍ଞାନର ଅଗ୍ରଣୀ କ୍ଷେତ୍ରରେ ଗବେଷଣା କାର୍ଯ୍ୟ କରିବେ । ଆଇଜର ଶ୍ରେଷ୍ଠ ବୈଜ୍ଞାନିକ ପ୍ରତିଭା ଫାକଲ୍ଟି ଭାବେ ଭାରତକୁ ଜ୍ଞାନ ଅର୍ଥବ୍ୟବସ୍ଥା ଦିଗରେ ନେଇଯିବାରେ ସହାୟକ ହେବ ଏବଂ ଭାରତରେ ବୈଜ୍ଞାନିକ ମାନବ ଶକ୍ତିର ଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିବ । ସୂଚନାଯୋଗ୍ୟ ଯେ ୨୦୧୫ରେ ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, ୨୦୧୪ ଅନୁଯାୟୀ ଆଇଜର ତିରୁପତି ପ୍ରତିଷ୍ଠା କରାଯାଇଥିଲା । ଅନ୍ୟପକ୍ଷରେ ଆଇଜର ବ୍ରହ୍ମପୁରର ପ୍ରତିଷ୍ଠା ୨୦୧୬ରେ ହୋଇଥିଲା । ୨୦୧୫ରେ ନିଜ ବଜେଟ ଅଭିଭାଷଣରେ କେନ୍ଦ୍ର ଅର୍ଥମନ୍ତ୍ରୀ ଏହାର ପ୍ରତିଷ୍ଠା ଲାଗି ଘୋଷଣା କରିଥିଲେ । ଉଭୟ ସଂସ୍ଥାନ ଏବେ ଅସ୍ଥାୟୀ କ୍ୟାମ୍ପସରେ ଚାଲୁଛି ।

### ପ୍ରତ୍ୟେକ ଓଡ଼ିଆଙ୍କ ...

କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ, ସାଂସଦ ପିନାକୀ ମିଶ୍ର, ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାସ, କାକଟପୁର ବିଧାୟକ ସୁରେନ୍ଦ୍ରନାଥ ସେଠୀ, ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀ, ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରମୁଖ ଯୋଗଦାନ କରି ଏହି ବିଶ୍ୱବିଦ୍ୟାଳୟ ପାଇଁ ସରକାର ୨୫ ଏକର ୩୮ଡିସିମିଲି ଜମି ଯୋଗାଇ ଦେଇଛନ୍ତି ବୋଲି ସୂଚନା ଦେଇଥିଲେ । ଜିଲ୍ଲାପାଳ ଜ୍ୟୋତି ପ୍ରକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପଞ୍ଚସଖାଙ୍କ ସମାଧି ପୀଠକୁ ଯାଇ ସେଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ବକୁଳବନରେ ବୃକ୍ଷରୋପଣ କରିଥିଲେ । ୩୦ଟି ଜିଲ୍ଲାରୁ କଳା ସଂସ୍କୃତି ସଙ୍ଘ ପକ୍ଷରୁ ଆସିଥିବା ଦେଢ଼ଶହ କଳାକାର ପ୍ରତ୍ୟେକ ଜିଲ୍ଲାରୁ ଆଣିଥିବା ମୃତ୍ତିକା ଓ ଜଳ ବକୁଳବନରେ ଛିଞ୍ଚି କଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସଂକଳ୍ପ ନେଇଥିଲେ ।

### ଅଧିକ ପ୍ରଭାବିତ ...

ନିର୍ଗମନ କରିଛି । ତାପମାତ୍ରା ବୃଦ୍ଧିକୁ ନେଇ ଏଭଳି ଯେଉଁ ଆକଳନ କରାଯାଇଛି ତାହା ବାସ୍ତବିକ ଭୟଙ୍କର । ତେଣୁ ଆଗାମୀ ଡିସେମ୍ବର ମାସରେ ହେବାକୁ ଥିବା ଜାତିସଂଘର ଜଳବାୟୁ ସମ୍ପର୍କିତ ବୈଠକରେ ଏ ସମ୍ପର୍କରେ ସବିଶେଷ ଆଲୋଚନା ହୋଇ ତାପମାତ୍ରା ବୃଦ୍ଧିକୁ କିଭଳି ହ୍ରାସ କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ । ଭାରତର ଏହି ଅଙ୍ଗାରକାମ୍ଳ ନିର୍ଗମନ କ୍ଷେତ୍ରରେ ନୂଆଦିଲ୍ଲୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗତ ଦେଢ଼ଶହ ବର୍ଷ ମଧ୍ୟରେ ଦିଲ୍ଲୀର ସହରର ତାପମାତ୍ରା ୧ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଥିବା ବେଳେ ମୁମ୍ବାଇ ୦.୭ ଡିଗ୍ରୀ, କୋଲକାତା ୧.୨ ଡିଗ୍ରୀ ଓ ଚେନ୍ନାଇ ୦.୬ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଛି । ଜଳବାୟୁ ବିଶେଷଜ୍ଞମାନଙ୍କୁ ନେଇ ଗଠନ ହୋଇଥିବା ଆଇପିସିସି ଏଥିପାଇଁ ସତର୍କ ସୂଚନା ଜାରି କରିଛି । ଏଭଳି ସ୍ଥିତିରେ ଜରୁରୀ ଭିତ୍ତିରେ ମୁକାବିଲା କରାଯିବାର ଆବଶ୍ୟକତା ରହିଛି ବୋଲି ଆଇପିସିସି କହିଛି । ଏହି ରିପୋର୍ଟ ପ୍ରକାଶ ପାଇବା ପଛରେ ପ୍ରାୟ ୬ ହଜାର ବୈଜ୍ଞାନିକଙ୍କ ତଥ୍ୟ ଅନୁଧ୍ୟାନ କରାଯାଇଥିବା ଜଣାପଡିଛି । ତେବେ ଏହି ରିପୋର୍ଟ ଉପରେ ସନ୍ଦେହ ପ୍ରକଟ କରିଛି ଆମେରିକା ।

# ରେଢାଖୋଲରେ ରାସନ କାର୍ଡ ବଣ୍ଟନ



**ରେଢାଖୋଲ :** ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ୩୭୩ ଜଣ ହିତାଧିକାରୀଙ୍କୁ ନୂତନ କାର୍ଡ ବଣ୍ଟନ କରାଯାଇଛି । ଏଥିରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରେଢାଖୋଲ ବ୍ଲକର ୩୦୮ ଜଣ ଓ ଏନଏସି ଅଞ୍ଚଳର ୬୫ ଜଣ ହିତାଧିକାରୀଙ୍କୁ ନୂତନ କାର୍ଡ ପ୍ରଦାନ କରିଥିଲେ । ଏଥିରେ ମୋଟ ରେଢାଖୋଲ ବ୍ଲକର ୧୮୨୮ଜଣ ଆବେଦନ କରିଥିବା ବେଳେ ଏନଏସିର ୪୭୦ ଜଣ ଆବେଦନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ନୂତନ ରାସନ କାର୍ଡ ମିଳିଥିବା ହିତାଧିକାରୀଙ୍କ ପରେ ଆଗକୁ ରେଢାଖୋଲ ବ୍ଲକର୧୧୮୭ ଜଣ ଓ ଏନଏସି ଅଞ୍ଚଳରେ ୧୨୯ଜଣ ହିତାଧିକାରୀ ତାଙ୍କର ନୂତନ ରାସନକାର୍ଡ ପାଇବେ ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଉପଜିଲ୍ଲାପାଳ ବିଶିକେଶନ ଦେହୁରୀ, ବିଡିଓ ପରୀକ୍ଷିତ ସାହୁ, ବ୍ଲକ ଅଧ୍ୟକ୍ଷା କବିତା ପ୍ରଧାନ, ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ପ୍ରଧାନ, ଏନଏସି ଅଧ୍ୟକ୍ଷା ସଂଧ୍ୟାରାଣୀ ଦେହୁରୀ, ଉପାଧ୍ୟକ୍ଷ ସୁନିଲ ପ୍ରଧାନ, ଉପଖଣ୍ଡ ଯୋଗାଣ ଅଧିକାରୀ ବିଘ୍ନେଶ୍ୱର ମହାପାତ୍ର, ଯୋଗାଣ ନିରୀକ୍ଷକ ପ୍ରତିଭା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଡକାୟତି ଉଦ୍ୟମ ପଣ୍ଡ : ୭ ଗିରଫ



**ଖୋର୍ଦ୍ଧା :** ଓସିସି ଛକ ନିକଟରେ ଖୋର୍ଦ୍ଧା ମାଛ ମାର୍କେଟ ଠାରେ ଅବସ୍ଥିତ ସୁମିତ୍ରା ଜୁଏଲାରୀରୁ ଡ଼କାୟତି କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ସଦର ଥାନା ଇନିସ୍‌ପେକ୍ଟର ବିକ୍ରେମ କେଶରୀ ଜେନାଙ୍କ ନେତୃତ୍ୱରେ ସେହି ସ୍ଥାନରେ ଅତର୍କିତ ଭାବରେ ଚଢାଉ କରାଯାଇଥିଲା । ଘଟଣାସ୍ଥଳରୁ ୭ଜଣ ଡ଼କାୟତଙ୍କୁ ଗିରଫ କରିବାରେ ସଦରଥାନା ପୁଲିସ ସଫଳ ହୋଇଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଜଣେ ଡ଼କାୟତ ଘଟଣାସ୍ଥଳରୁ ଖସି ଯିବାରରେ ସମର୍ଥ ହୋଇଥିଲା । ଅଭିଯୁକ୍ତମାନେ ହେଲେ ସୁଜିତ ବେହେରା, ପିତା-ଦେବରାଜ ବେହେରା, ଗ୍ରାମ-ଦୁର୍ଗାପୁର, ଥାନା-ଜଟଣୀ, ଜିଲ୍ଲା-ଖୋରଧା, ସୁରେଶ ସାହୁ, ପିତା-ବ୍ରଜକିଶୋର ସାହୁ, ଗ୍ରାମ-ଗୁରୁଜଙ୍ଗ, ଥାନା/ଜିଲ୍ଲା-ଖୋରଧା ଦିବ୍ୟ ଶଙ୍କର ଗଜେନ୍ଦ୍ର, ପିତା-ଦିବାକର ଗଜେନ୍ଦ୍ର, ଗ୍ରାମ-କୁମ୍ଭାରବସ୍ତ, ଥାନା/ଜିଲ୍ଲା-ଖୋରଧା, ନିହାର ରଂଜନ ସାମନ୍ତରାୟ, ପିତା-ଯଦୁମଣି ସାମନ୍ତରାୟ, ସା-କୁମ୍ଭାରବସ୍ତ, ଥାନା/ଜିଲ୍ଲା-ଖୋରଧା, ଅଲତାଭ ହୁସେନ ଖାଁ, ପିତା-ଜାକିର ହୁସେନ ଖାଁ, ଗ୍ରାମ-ଅଣ୍ଡା, ଥାନା-ଖୋରଧା ସଦର, ଜିଲ୍ଲା-ଖୋରଧା, ସରୋଜ କହଲସିଂହ, ପିତା-ନରତମ କହଲସିଂହ, ଗ୍ରାମ-କୁମ୍ଭାରବସ୍ତ, ଥାନା/ଜିଲ୍ଲା-ଖୋରଧା, ତାପସ ମଙ୍ଗରାଜ, ପିତା-କୃଷ୍ଣଚନ୍ଦ୍ର ମଙ୍ଗରାଜ, ଗ୍ରାମ-କୁମ୍ଭାରବସ୍ତ, ଥାନା/ଜିଲ୍ଲା-ଖୋରଧା ଏବଂ ତାଙ୍କ ନିକଟରୁ ଜବତ ହୋଇଥିବା ମାରାଣାସ୍ତ୍ର ଗୁଡ଼ିକ ହେଲା ୮ରାଉଣ୍ଡ ଜୀବନ୍ତ ଗୁଳି ସହିତ ୨ଟି ପିସ୍ତଲ ୧୭ଗୋଟି ବାଉଁଶ ଠେଙ୍ଗା, ୭ଗୋଟି ମୋବାଇଲ ଫୋନ୍, ୫ଟି ମଟର ସାଇକେଲ ଏ ସମ୍ପର୍କରେ ଖୋର୍ଦ୍ଧା ସଦର ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦିପ୍ତି ରଂଜନ ରାୟ ପ୍ରକାଶ କରିଛନ୍ତି ।

# ସିକିମ୍‌ରେ ଦଶାଁଇ : ପର୍ବ ପର୍ବାଣୀ ପଛର ପରମ୍ପରା ଜୀବନକୁ ସୁଦୃଢ଼ କରେ







ଉପସ୍ଥାପନା
ଜାହ୍ନବୀସୁତ

ପୂର୍ବରୁ ଗୋଆର ବିଭିନ୍ନ ମନ୍ଦିର ଏବଂ ଚର୍ଚ୍ଚ ବିଷୟରେ ଏଠାରେ ସୂଚନା ଦେଉଥିଲି। ହେଲେ ହଠାତ୍ ମୋତେ ରାସ୍ତାରେ 'ଏକମାତ୍ର'ର ସମ୍ପାଦକ ତଥା ଅଗ୍ରଜ ସୂଚନା ଦେଲେ ଯେ, ଆଗକୁ ଦଶହରା ଆସୁଛି, ତେଣୁ ସେମିତି କିଛି ଅନୁଭୂତି ଯଦି ପୂଜାକୁ ନେଇ ଥାଏ ତେବେ ଏ ସଂଖ୍ୟା ପାଇଁ ଦିଅନ୍ତୁ। ତାଙ୍କ କଥା ଶୁଣିବା ପରେ ସ୍ମୃତିରେ ଅନେକ ଦିନ ତଳୁ ଗୁଡେଇ ହୋଇ ରହିଥିବା ଏକ କଥା ମନେ ପଡିଲା। ଯେତେବେଳେ ମୁଁ ଉତ୍ତର ପୂର୍ବ ରାଜ୍ୟ ସିକିମ୍ ବୁଲିବାକୁ ଯାଇଥିଲି ସେଠାରେ ଏକ ନିଆରା ଦଶହରା ପର୍ବ ଦେଖିବାକୁ ପାଇଥିଲି। ତେଣୁ ସ୍ଥିର କଲି ସେ ସମ୍ପର୍କରେ ଆପଣ ମାନଙ୍କୁ ସୂଚନା ଦେବି। ଆମେ ଯେପରି ଦଶହରା ପର୍ବ ପାଳନ କରୁ ସିକିମ୍‌ରେ ମଧ୍ୟ ସେହିପରି ପାଳନ କରାଯାଇଥାଏ। ସେଠାରେ ଏହାକୁ ଦଶାଇଁ ପର୍ବ ବୋଲି କୁହାଯାଇଥାଏ। ଆଉ ଏହି ପର୍ବ ସେଠାରେ ୧୫ଦିନ ଧରି ପାଳିତ ହୋଇଥାଏ। ଆପଣ ମାନଙ୍କୁ ଦଶାଇଁ ପର୍ବ ସମ୍ପର୍କରେ ସୂଚନା ଦେବା ପୂର୍ବରୁ ପ୍ରଥମେ ସିକିମ୍ ରାଜ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ଦେବି। ସିକିମ୍ ହେଉଛି ଭାରତର ଉତ୍ତର-ପୂର୍ବରେ ଅବସ୍ଥିତ ଏକ ରାଜ୍ୟ। ଏଠାରେ ବିଭିନ୍ନ ଧର୍ମାବଲମ୍ବୀ ଲୋକ ବସବାସ କରନ୍ତି। ଏଠାରେ ମଧ୍ୟ ବହୁ ବୌଦ୍ଧ ଧର୍ମାବଲମ୍ବୀ ରୁହନ୍ତି। ହିନ୍ଦୁ ଧର୍ମର ଲୋକ ମଧ୍ୟ ଏଠାରେ ରହିଥାନ୍ତି। ପ୍ରକୃତରେ ମୁଁ ଯାହା ସୂଚନା ପାଇଲି ଦଶାଇଁ ପର୍ବ ନେପାଳର ଏକ ବଡ ପର୍ବ। ଯେହେତୁ ସିକିମ୍‌ର ସୀମାକୁ ଲାଗି ରହିଛି ଆମେ ପଡୋଶୀ ଦେଶ ନେପାଳ ତେଣୁ ଏଠାରେ ମଧ୍ୟ ଦଶାଇଁ ପର୍ବ ଖୁବ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ। ତେବେ ମୁଁ ଯେତେବେଳେ ସିକିମ୍ ବୁଲିବା ପାଇଁ ଯାଇଥିଲି ସେଠାରେ ଏହି ପର୍ବ ପାଳିତ ହେଉଥିଲା ଆଉ ମୋ ପାଇଁ ନିହାତି ଏକ ସୌଭାଗ୍ୟ ଥିଲା। ସିକିମ୍‌ର ରାଜଧାନୀ ଗ୍ୟାଙ୍ଗଟକ୍‌ରେ ମଧ୍ୟ ଏହି ଦଶାଇଁ ପର୍ବ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଥାଏ। ଆଶ୍ୱିନ ମାସ ଶୁକ୍ଳ ପକ୍ଷରୁ ଏହି ଦଶାଇଁ ପର୍ବ ଆରମ୍ଭ ହୋଇ ପୂର୍ଣ୍ଣିମାରେ ଶେଷ ହୋଇଥାଏ। ଆମେମାନେ ଦୁର୍ଗା ପୂଜା ଯେପରି ପାଳନ କରୁ ଦଶାଇଁ ପର୍ବରେ ମଧ୍ୟ ପ୍ରାୟ ସେହିପରି ପାଳନ କରାଯାଇଥାଏ। ହେଲେ ଆମେ ଦଶହରା ମା'ଙ୍କର ବିଜୟା ରୂପର ଉପାସନା କରି ଏକାଦଶୀ ତିଥିରେ ମା'ଙ୍କୁ ମେଲାଣି ଦେଇଥାଉ ଆଉ ପୁଣି କୁମାର ପୂର୍ଣ୍ଣିମା ଧନଦାୟିନୀ ମା'ଗଜଲକ୍ଷ୍ମୀଙ୍କୁ ସ୍ୱାଗତ କରିଥାଉ। କିନ୍ତୁ ସିକିମ୍ ଏବଂ ନେପାଳର ବିଭିନ୍ନ ସ୍ଥାନରେ ଦଶାଇଁ ପର୍ବରେ ପୂରା ୧୫ଦିନ ଧରି ଏହି ଉତ୍ସବ ପାଳିତ ହୁଏ ସେମାନେ ମଧ୍ୟ ପୂର୍ଣ୍ଣିମା ତିଥିରେ ମା'ଲକ୍ଷ୍ମୀଙ୍କୁ ଉପାସନା କରିଥାନ୍ତି। ମୁଁ ଗ୍ୟାଙ୍ଗଟକ୍‌ରେ ବୁଲି ଏହି ପର୍ବରେ ବୁଲି ଦେଖୁଥିବା ବେଳେ ଜଣେ ଓଡ଼ିଆ ଲୋକଙ୍କ ସହ ମୋର ଦେଖାହେଲା। ସେ ସେଠାରେ ଏକ ତାରକା ହୋଟେଲରେ ମ୍ୟାନେଜର ଥିଲେ ଏବଂ ପ୍ରାୟ ୧୫ବର୍ଷ ଧରି ସେ ସେଠାରେ ରହୁଛନ୍ତି। ସବୁଠାରୁ ବଡ କଥା ହେଲା ସେ ଥିଲେ ମୋ ସହର ଶ୍ରୀକ୍ଷେତ୍ରର ତେଣୁ ଆମ ଭିତରେ ପୁରୁଣା ସମ୍ପର୍କ ରହିଥିଲା। ତେବେ ସେ ମୋତେ ବୁଲିବାରେ ସାହାଯ୍ୟ କରିବା ସହ ଦଶାଇଁ ପର୍ବ ସମ୍ପର୍କରେ ଅନେକ ସୂଚନା ମଧ୍ୟ ଦେଇଥିଲେ। ଦଶାଁଇ ପର୍ବର ପ୍ରଥମ ଦିନ ଘଟ ସ୍ଥାପନା କରାଯାଇଥାଏ। ସପ୍ତମୀ ତିଥିରେ ଏକ ଉତ୍ସବ ପାଳନ ପାଳନ କରାଯାଏ ଯାହାକୁ କୁହାଯାଏ ଫୁଲପତି। ଏହି ଦିନ କଳସ ଶୋଭାଯାତ୍ରା କରାଯାଇଥାଏ। ପ୍ରକୃତରେ କହିବାକୁ ଗଲେ ଏହି ଦିନଠାରୁ ଉତ୍ସବର ପରିବେଶରେ ଆନନ୍ଦ ଉଲ୍ଲାସରେ ପରିପୂର୍ଣ୍ଣ ହୋଇଥାଏ। ସେହିପରି ଅଷ୍ଟମୀ ତିଥିରେ ବଳିଦେବାର ପ୍ରଥା ମଧ୍ୟ ଏଠାରେ ରହିଅଛି। ସେହିପରି ନବମୀ ତିଥିରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ପୂଜା କରିବାର ପରମ୍ପରା ମଧ୍ୟ ଦେଖିବାକୁ ମିଳେ। ଦଶମୀ ତିଥିରେ ଘରେ ଘରେ ବହୁ ପରିଜନଙ୍କର ଆଗମନ ହୋଇଥାଏ। ବଡମାନେ ସାନ ମାନଙ୍କୁ ଆଶୀର୍ବାଦ ଦେଇଥାନ୍ତି। ଆଉ ତା'ପରେ ଆରମ୍ଭ ହୁଏ ଭୋଜିଭାତର ଆସର। ଆଉ ପୂର୍ଣ୍ଣମୀ ଦିନ ମା'ଲକ୍ଷ୍ମୀଙ୍କୁ ପୂଜା କରାଯାଇ ଦଶାଁଇ ପର୍ବ ସମାପନ ହୋଇଥାଏ। ତେବେ ଏହି ପର୍ବର ଆଉ ଏକ ବିଶେଷତ୍ୱ ହେଉଛି ବଡମାନେ ସାନମାନଙ୍କୁ ଟୀକା ଲଗାଇ ଥାନ୍ତି। ମୁଁ ଆହୁରି ମଧ୍ୟ ସୂଚନା ପାଇଲି ଯେ, ଏହି ପର୍ବ ନେପାଳରେ ସବୁଠାରୁ ଅଧିକ ଭକ୍ତିଭାବର ସହ ପାଳନ କରାଯାଇଥାଏ। ତେବେ ଗ୍ୟାଙ୍ଗଟକ ସହରର ଅଣ୍ଡାଳିଆ ପାଗ ସହ ଦିଶାଁଇ ପର୍ବରେ ସାମିଲ ହେବା ମୋ ପାଇଁ ଥିଲା ସବୁଠାରୁ ନିଆରା ଅନୁଭୂତି। ଏଭଳି ଗଣପର୍ବକୁ ଦେଖିବା ପରେ ମୋ ମନକୁ କାହିଁକି ଆସିଲା ଯେ ସବୁ ପର୍ବ ପର୍ବାଣୀ ପଛରେ ରହିଥିବା ପରମ୍ପରା ଆମ ସାମାଜିକ ଜୀବନକୁ ସୁଦୃଢ଼ କରିବା ପାଇଁ ହିଁ ଯୁଗ ଯୁଗରୁ ଚାଲି ଆସୁଛି।

# ସମାଜସେବୀ ୰ବାସନ୍ତୀଲତା ଦାଶଙ୍କ ଦ୍ୱାଦଶାହ
























## କିଛି ସ୍ମରଣୀୟ ଝଲକ ...











# ଶାରଦୀୟ ଅଭିନନ୍ଦନ



ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ପଦ୍ମପୁରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

**ପ୍ରଦୀପ ପୁରୋହିତ**
ବିଧାୟକ,ପଦ୍ମପୁର



ଶାରଦୀୟ ଦଶହରା ଅବସରରେ ସମସ୍ତଙ୍କର ସୁଖ, ସମୃଦ୍ଧି କାମନା କରିବା ସହିତ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।



**ପବିତ୍ର ରାଉତରାୟ**
ଚେୟାରମ୍ୟାନ



**ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ**
ମଳିପଡା, ଭୁବନେଶ୍ୱର




ବିଜେପି ନେତା ଅମୀୟ ଦାଶଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଉଛନ୍ତି ଆଇନଜୀବୀ ଲିଙ୍ଗରାଜ ଦାଶ, ଆଇନଜୀବୀ ଲିଙ୍ଗରାଜ ସାହୁ ଓ ଲିଙ୍ଗରାଜ ପୃଷ୍ଟି।

### ସରକାରଙ୍କ ଛୁଟି ବାତିଲକୁ ପ୍ରତିବାଦ

## କଳାହାଣ୍ଡି ଜିଲ୍ଲା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ବିରୋଧ

**ଭବାନୀପାଟଣା :** ଓଡିଶା ସରକାରଙ୍କ ସାଧାରଣ ଓ ପ୍ରଶାସନ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୨୯୯୭୩ରେ ଆସନ୍ତା ୧୩ରୁ ୨୪ ତାରିଖ ପ୍ରର୍ଯ୍ୟନ୍ତ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। ଏହାକୁ କଳାହାଣ୍ଡି ଜିଲ୍ଲା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ବିରୋଧ କରି କଳାହାଣ୍ଡି ଜିଲ୍ଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିନିଧି ଦଳରେ ସମିତିର ସଭାପତି ରୂପକେଶରୀ ଦଳେଇ, ଉପସଭାପତି ଭାବଗ୍ରାହୀ ନାୟକ, ସମ୍ପାଦକ ଅଭିମନ୍ୟୁ ମହାନନ୍ଦ, ଅମଲା ସଂଘ ସଭାପତି ସୁକାନ୍ତ ମହାପାତ୍ର, ସମ୍ପାଦକ ସୁନୀଲ କାନୁନଗୋ, କୋଷାଧ୍ୟକ୍ଷ ମନୋରଞ୍ଜନ ଛତ୍ରପାଳ, ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଶୁକଦେବ ମାଝୀ ମଟର କର୍ମଚାରୀ ସଂଘର ସମ୍ପାଦକ ଅନନ୍ତ ଚଲାନ, ସହ ସମ୍ପାଦକ ଡମ୍ବରୁଧର ଗଉଡ ଓ ବିଶ୍ୱରଞ୍ଜନ ମୁଣ୍ଡ ତଥା ଅମିନ ସଂଘ ସମ୍ପାଦକ ଭବାନୀଶଙ୍କର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ବର୍ଷା ଯୋଗୁଁ ଦାଣ୍ଡିଆ ମହୋତ୍ସବ ବାତିଲ



**ଭୁବନେଶ୍ୱର :** ମା' ଦୁର୍ଗାଙ୍କ ପ୍ରତି ସମର୍ପିତ କରାଯାଇ ରାଜଧାନୀର ଚନ୍ଦ୍ରଶେଖରପୁର ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲପମ୍ପ ନିକଟ କ୍ଲବ ଗ୍ରାଉଣ୍ଡ ପଡିଆରେ ୧୪ ତାରିଖରେ ହେବାକୁ ଥିବା ଦାଣ୍ଡିଆ ମହୋତ୍ସବ ବାତିଲ କରି ଦିଆଯାଇଛି। ବର୍ଷା ଯୋଗୁଁ ରାଜ୍ୟରେ ବନ୍ୟା ହେବା ଆଶଙ୍କା ଥିବାରୁ ଏହାକୁ ବାତିଲ କରାଯାଇଛି ବୋଲି କୁହାଯାଇଛି। ଦାଣ୍ଡିଆ ସଂସ୍କୃତିକୁ ପ୍ରଚାର ଉଦ୍ଦେଶ୍ୟରେ ହେବାକୁ ଥିବା ଦାଣ୍ଡିଆ ମହୋତ୍ସବ କମିଟି ଓ ସ୍ପାର୍କେଲ୍ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି।


ପବିତ୍ର ଶାରଦୀୟ ଦୁର୍ଗାପୂଜା ଓ ମା' ମାଣିକେଶ୍ୱରୀଙ୍କ ଛତରଯାତ୍ରା ଅବସରରେ କଳାହାଣ୍ଡି ଜିଲ୍ଲାର ସମସ୍ତ ଅଧିବାସୀମାନଙ୍କୁ ଓର୍ଚ୍ଚିଡ୍ - ୯, ଭବାନୀପାଟଣା ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।



# ଶାରଦୀୟ ଅଭିନନ୍ଦନ

ଯୁଗେ ଯୁଗେ ସତ୍ୟ, ଶାନ୍ତିର ପ୍ରତେଷ୍ଠା ପାଇଁ ବିଜୟର ପୁଲକରେ ବିଜୟନୀ ମାଁ ସିଂହବାହିନୀ। ଅନ୍ୟାୟ ଅନୀତିର ବିନାଶରେ ବିରାଚରେ ଶାନ୍ତିର ଉଲ୍ଲାସ ବିଞ୍ଛିଦିଅ ଦେବୀ ଦଶଭୁଜା ସୁଖ ଆଉ ପିୟୁଷର ଅସରନ୍ତି ବାସ୍ନା। ଏତିକି କାମନା ସହ କଳାହାଣ୍ଡିର ସମସ୍ତ ଗୁରୁଜନ ଓ ଭାଇଭଉଣୀମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଅନେକ ଅନେକ ଶୁଭକାମନା।



**ରିଷିକା ଇନ୍‌ଫୋ ପାର୍କ, ଭବାନୀପାଟଣା**



## PLOT FOR SALE@BHUBANESWAR



Yellow Zone, 30ft wide Road
Mouza : Dakhina Mundamuhan
*(Near CV Raman College)*
100ft Proposed BDA Road
*Contact Immediately :*
8658607286 / 8917571455



30ft Internal Road
Mouza : Pandiapada
*Contact Immediately :*
8658607286 / 8917571455



Sudarshan
**GRAPHICS**

Tel.:+91 674 2742829
Cell:+91 9437710829
9040004808

deals with
digital colour print | multi colour print
offset print | binding | screen print |
flex print | master xerox | dtp & design
gum-binding | lamination etc

sudarshanthedesigner@gmail.com
std10829@gmail.com
sgdigitalprint1980@gmail.com

HIG-22/5, Garage Complex, Phase-I
Housing Board Colony, Chandrasekharpur
Bhubaneswar-751016, Odisha

website : www.sudarshanprint.com



## PLOT FOR SALE



**MOUZA : JUJHAGADA**
(Back side of Nandankanan Zoo)
BHUBANESWAR
*Contact : 865807286 / 8917571455*



**MOUZA : BEGUNIA BOREHI**
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
*Contact : 8658607286 / 8917571455*



Mob : 95833061, 8895467035
*Prop. Sushanta Kumar Nayak*

# ORCHID - 9
# ଓର୍ଚ୍ଚିଡ-୯

ଏଠାରେ ଛତୁ, ପନିର,ପାଳ ଛତୁ, ମଟର, ସ୍ୱିଟ କର୍ଣ୍ଣ, ବେବି କର୍ଣ୍ଣ ଅର୍ଡର ନିଆଯାଏ
**Infront of Collector Office, Bhawanipatna**



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — Managing Editor : **Laxmipriya Dash** — Editor : **Tarak Mohanty**

ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** — ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** — ସମ୍ପାଦକ : **ତାରକ ମହାନ୍ତି**